


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୪ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 24 February 2026
Vol.No. 36 ■ No.52 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭୟ: ତୁରନ୍ତ ଇରାନ ଛାଡ଼ିବାକୁ ନିଜ ନାଗରିକଙ୍କୁ କହିଲା ଭାରତ



ନୂଆଦିଲ୍ଲୀ,୨୩/୨ : ଆମେରିକା-ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଓ ଛାତ୍ର ଆନ୍ଦୋଳନ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ଘନେଇବାରେ ଲାଗିଛି। ଇରାନରେ ସ୍ଥିତି ଅଶାନ୍ତ ରହିଥିବାବେଳେ ଭାରତ ସୋମବାର ଏହାର ନାଗରିକଙ୍କୁ ତୁରନ୍ତ ତେହେରାନ ଛାଡ଼ିବାକୁ କହିଛି। ଇରାନରେ ରହୁଥିବା ଭାରତୀୟ ଯେକୌଣସି ପରିବହନ ମାଧ୍ୟମ ଦେଇ ସେଠାରୁ ଚାଲିଆସିବାକୁ କୁହାଯାଇଛି। ତେହେରାନରେ ଥିବା ଭାରତୀୟ ଦୂତାବାସ ସଦ୍ୟତମ ପରାମର୍ଶବଳୀ ଜାରି କରିଛି। ଏହାପୂର୍ବରୁ ଚଳିତ ମାସ ଜାନୁଆରି ୫ ତାରିଖରେ ମଧ ଭାରତୀୟ ଦୂତାବାସ ପକ୍ଷରୁ ଏପରି ପରାମର୍ଶବଳୀ ଜାରି କରିଥିଲା। ଜାନୁଆରି ୧୪ରେ ଭାରତୀୟ ନାଗରିକ ଓ ଭାରତୀୟ ବଂଶୋଦ୍ଭବଙ୍କୁ ସତର୍କତା ଅବଲମ୍ବନ କରିବା, ବିରୋଧ ପ୍ରଦର୍ଶନ ଚାଲିଥିବା ଅଞ୍ଚଳଠାରୁ ଦୂରେଇ ରହିବାକୁ ସତର୍କ କରାଇଥିଲା। ସୋମବାର ତେହେରାନସ୍ଥିତ ଭାରତୀୟ ଦୂତାବାସ ବର୍ତ୍ତମାନ ଇରାନରେ ଥିବା ସମସ୍ତ ଭାରତୀୟ ନାଗରିକ, ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କୁ ବାଣିଜ୍ୟିକ ବିମାନ ସମେତ ଯେକୌଣସି ଉପଲବ୍ଧ ପରିବହନ ମାଧ୍ୟମରେ ଦେଶ ଛାଡ଼ିବାକୁ କହିଛି। ଏହାସହିତ ଭାରତୀୟ ନାଗରିକଙ୍କୁ ସେମାନଙ୍କର ପରିଚୟପତ୍ର ଏବଂ ପାସପୋର୍ଟ ଭଳି ଇମିଗ୍ରେସନ ଏବଂ ଯାତ୍ରା ଡକ୍ୟୁମେଣ୍ଟଗୁଡ଼ିକ ନିଜ ପାଖରେ ରଖିବାକୁ ଏବଂ ଯେକୌଣସି ସହାୟତା ପାଇଁ ଦୂତାବାସ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଦୂତାବାସ ପକ୍ଷରୁ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି। ଏହାସହିତ ଦୂତାବାସ ସହିତ ନିଜକୁ ପଞ୍ଜିକୃତ କରିବାକୁ କୁହାଯାଇଛି। ଯଦି ଇରାନରେ ଥିବା ବ୍ୟକ୍ତି ନିକଟରେ ଇଣ୍ଟରନେଟ୍ ବ୍ୟବସ୍ଥା ନ ଥିବ ତେବେ ସେମାନଙ୍କ ପରିବାର ଲୋକ ମଧ୍ୟ ପଞ୍ଜିକରଣ କରିପାରିବେ। ତେହେରାନରେ ଶନିବାର ଓ ରବିବାର ବଡ଼ଧରଣ ଛାତ୍ର ଆନ୍ଦୋଳନ ଦେଖାଯିବା ପରେ ଭାରତ ପକ୍ଷରୁ ଏହି ପରାମର୍ଶ ଜାରି କରାଯାଇଛି। ଅନ୍ୟପକ୍ଷରେ ଆମେରିକା ଓ ଇରାନ ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଜେନେଭାଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ବୋଲି ଓମାନର ବିଦେଶ ମନ୍ତ୍ରୀ ବଦର ଅଲ୍ ବୁସାଇଦି କହିଛନ୍ତି। ଏହାପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନକୁ ୱାସିଂଟନ ସହିତ ବୁଝାମଣା କରିବାକୁ ମାତ୍ର ୧୦ ଦିନ ସମୟ ଦେଇଛନ୍ତି।

## ଶାସନର ହେବ ନବକଳେବର: ମୋହନଙ୍କ ଟିମ୍‌ରେ ସ୍ଥାନ ପାଇବେ ନୂଆ ମୁହଁ




ଭୁବନେଶ୍ୱର, ୨୩/୨ (ନି.ପ୍ର): ବିଜେପିରେ ଗୋଷ୍ଠୀ ରାଜନୀତି ଯୋଗୁଁ ଦେଢ଼ ବର୍ଷ ହେଲା ହୋଇପାରୁନଥିବା କୋର କମିଟି ବୈଠକ ହୋଇଛି । ଆଉ ବୈଠକ ପରେ ଜୋର ଧରିଛି ଶାସନର ନବକଳେବର ଚର୍ଚ୍ଚା । କୁହାଯାଉଛି ବିଧାନସଭା ପରେ ସମ୍ପ୍ରସାରଣ ହେବ ମନ୍ତ୍ରୀ ମଣ୍ଡଳ, ନେତାଙ୍କୁ ମିଳିବ ନିଗମ ବୋର୍ଡ । ଆଗକୁ ସାଂଗଠନିକସ୍ତରରେ ମଧ୍ୟ ଅଦଳବଦଳ ହେବ ବୋଲି ଆଲୋଚନା ହେଉଛି । ବିଜେପିରେ ଗୁରୁତ୍ୱପୂର୍ଣ୍ଣ କୋର କମିଟି ବୈଠକ ଓ ବୈଠକର ହୋଇଥିବା ନିଷ୍ପତ୍ତିକୁ ନେଇ ଜୋର ଧରିଛି ଚର୍ଚ୍ଚା । ଦୀର୍ଘ ୨ ବର୍ଷ ପରେ ପ୍ରଥମ ଥର ପାଇଁ ଭୁବନେଶ୍ୱର ସ୍ଥିତ ବିଜେପି କାର୍ଯ୍ୟାଳୟରେ ବସିଥିବା ବୈଠକରେ ମୁଖ୍ୟମନ୍ତ୍ରୀ, ସଭାପତି, ପ୍ରଭାରୀ, ସହପ୍ରଭାରୀ କେନ୍ଦ୍ରମନ୍ତ୍ରୀ ସାମିଲ ହୋଇଥିଲେ । ବୈଠକରେ ଆଗାମି ରଣନୀତି ପ୍ରସ୍ତୁତ ହୋଇଛି । କୁହାଯାଉଛି, ବିଧାନସଭା ବଜେଟ୍ ଅଧିବେଶନ ପରେ ବଦଳିଯିବ ମୋହନ ସରକାରର ରୂପରେଖ । ଏକାଧିକ ବିଭାଗର ଦାୟିତ୍ୱ ତୁଲାଉଥିବା ମନ୍ତ୍ରୀଙ୍କ କାର୍ଯ୍ୟବୋଝ ହାଲୁକା ପାଇଁ ସମ୍ପ୍ରସାରଣ ହୋଇପାରେ ମନ୍ତ୍ରିମଣ୍ଡଳ ।

◆◆ପୃଷ୍ଠା ୭

## ରାଜ୍ୟରେ ଚାଲୁଛି ୮୬୦ଗୋଟି ୧୦୮ ଆମ୍ବୁଲାନ୍ସ

ଭୁବନେଶ୍ୱର, ୨୩/୨ (ନି.ପ୍ର): ରାଜ୍ୟରେ ରୋଗୀ ପରିବହନ ପାଇଁ ମୋଟ ୮୬୦ଟି ୧୦୮ ଆମ୍ବୁଲାନ୍ସ ଚାଲୁଥିବାବେଳେ ଗତ ଦୁଇବର୍ଷ ମଧ୍ୟରେ ଏଥିରେ ୨୪ଲକ୍ଷରୁ ଅଧିକ ରୋଗୀ ପରିବହନ ହୋଇଛନ୍ତି । ରୋଗୀ ପରିବହନବାବଦରେ ସେବା ପ୍ରଦାନକାରୀ ସଂସ୍ଥାକୁ ଦୁଇବର୍ଷରେ ୪୪୫ କୋଟି ଟଙ୍କାରୁ ଅଧିକ ଅର୍ଥ ପ୍ରଦାନ କରାଯାଇଛି । ରାଜ୍ୟରେ ୧୦୮ଆମ୍ବୁଲାନ୍ସ ଚଳାଚଳ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

## ଦୁଇ ବର୍ଷରେ ସାତ ହଜାର ସାଇବର ଆକ୍ରମଣ

ଭୁବନେଶ୍ୱର, ୨୩/୨ (ନି.ପ୍ର): ଗତ ଦୁଇ ବର୍ଷ ମଧ୍ୟରେ ଓଡିଶା ସରକାରଙ୍କ ଡାଟା ସେଂଟର ଉପରେ ବିଭିନ୍ନ ଦେଶରୁ ପାଖପାଖି ୭୦୦୫ଟି ସାଇବର ଆକ୍ରମଣ ପାଇଁ ଉଦ୍ୟମ ହୋଇଛି । ତେବେ ଡାଟା ସେଂଟର ପକ୍ଷରୁ ସମସ୍ତ ସାଇବର ଆକ୍ରମଣକୁ ପ୍ରତିହତ କରାଯାଇ ପାରିଛି । ଏହି ଆକ୍ରମଣଗୁଡିକ ମୁଖ୍ୟତଃ ରୁଷିଆ, ଚୀନ, ଉତ୍ତରକୋରିଆ, ଇରାନ, ନାଇଜେରିଆ ଓ ରୋମାନିଆ ଭଳି ଦେଶମାନଙ୍କରୁ ହୋଇଥିଲା । ଓଡିଶାରେ ସାଇବର ଆକମ୍ରଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ।

## କିସ୍ତୱାଡ଼ ଅପରେସନରେ ୭ ଆତଙ୍କବାଦୀ ନିହତ



ନୂଆଦିଲ୍ଲୀ,୨୩/୨ : ଜମ୍ମୁ - କାଶ୍ମୀରର କିସ୍ତୱାଡ଼ରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ବର୍ଷେ ହେଲା ଚାଲିଥିବା ଅପରେସନରେ ପାକିସ୍ତାନସ୍ଥିତ ଆତଙ୍କବାଦୀ ସଙ୍ଗଠନ ଜେଚସ-ଏ-ମହମ୍ମଦର କମାଣ୍ଡର ସୈଫୁଲ୍ଲା ସମେତ ୭ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଅପରେସନରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଏଫପିଭି ଡ୍ରୋନ୍, ସାଟେଲାଇଟ୍ ଚିତ୍ର, ୟୁଏଭି ପରି ଉଚ୍ଚ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ଉପକରଣ ବ୍ୟବହାର କରାଯାଇଥିଲା। ରବିବାର ପୁଲିସ୍, ସିଆରପିଏଫ୍ ଓ ସେନାର ମିଳିତ ଦଳ ଚାତ୍ରୁ ଜଙ୍ଗଲ ଅଞ୍ଚଳର ପାସେରକୁଟ୍‌ଠାରେ ଜେଚସ୍‌ର ତିନି ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରିଥିଲେ। ସୈଫୁଲ୍ଲା ଗତ ପାଞ୍ଚ ବର୍ଷ ହେଲା କିସ୍ତୱାଡ଼ ଓ ଡୋଡା ଅଞ୍ଚଳରେ ସକ୍ରିୟ ଥିଲା। ସୁରକ୍ଷାକର୍ମୀଙ୍କ ଉପରେ ବିଭିନ୍ନ ସମୟରେ ଆକ୍ରମଣ ଘଟଣାରେ ତା'ର ସମ୍ପୃକ୍ତି ଥିଲା। ଜୁଲାଇ ୨୦୨୪ରେ ଆତଙ୍କବାଦୀ ଆକ୍ରମଣରେ ୪ ଜଣ ଯବାନ ସହିଦ ହୋଇଥିଲେ। ଏହା ପଛରେ ମଧ ସେ ?ଫୁଲ୍ଲାର ହାତ ଥିଲା। ଅନେକ ଥର ସେଣଫୁଲ୍ଲା ସୁରକ୍ଷାକର୍ମୀଙ୍କ ହାତରୁ ଖସି ଯାଉଥିବାବେଳେ ଗତକାଲି ସେ ଓ ତା'ର ଦୁଇ ସହଯୋଗୀ ସୁରକ୍ଷାକର୍ମୀଙ୍କ ସହିତ ସଂଘର୍ଷରେ ନିହତ ହୋଇଥିଲେ।

## ଓଡ଼ିଶା ଆସିବେ ମହାନଦୀ ଟ୍ରିବ୍ୟୁନାଲ୍ ଟିମ୍



ଭୁବନେଶ୍ୱର, ୨୩/୨ (ନି.ପ୍ର): ଖରା ଯେତିକି ବଢୁଛି, ମହାନଦୀ ସେତିକି ମରୁଛି । ଛତିଶଗଡର ମନମାନି ପାଇଁ ମରୁଭୂମିର ରୂପ ନେବାକୁ ବସିଛି ଓଡ଼ିଶାର ଜୀବନରେଖା । ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ମହାନଦୀର ସ୍ଥିତି ପରଖିବାକୁ ଓଡ଼ିଶା ଆସିବ ଟ୍ରିବ୍ୟୁନାଲ ଟିମ । ହେଲେ ଟ୍ରିବ୍ୟୁନାଲ ଗଠନକୁ ୮ ବର୍ଷ ବିତିବାକୁ ବସିଛି, ୫୦ରୁ ଅଧିକ ଥର ଶୁଣାଣି ସରିଛି । ବଦଳରେ ନ୍ୟାୟ ମିଳିବା ତ ଦୂରର କଥା, ଓଡ଼ିଶାକୁ ମିଳିଛି କେବଳ ତାରିଖ ପରେ ତାରିଖ । ତେଣୁ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ, ଟ୍ରିବ୍ୟୁନାଲ ଗସ୍ତ ପରେ ଏଥର ମହାନଦୀକୁ ମିଳିବ ତ ନ୍ୟାୟ ? ଦୀର୍ଘ ଅଢେଇ ବର୍ଷ ପରେ ପୁଣି ଓଡ଼ିଶା ଆସିବେ ମହାନଦୀ ଟ୍ରିବ୍ୟୁନାଲ ଟିମ୍ । ଫେବ୍ରୁଆରି ୨୬ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଓଡ଼ିଶାରେ ରହି ସମ୍ବଲପୁର ଓ ଝାରସୁଗୁଡ଼ା ଅଞ୍ଚଳରେ ମହାନଦୀର କ୍ଷେତ୍ର ପରିଦର୍ଶନ କରିବ ଟିମ୍ । ହୀରାକୁଦ ଡ୍ୟାମ୍ ଓ ମହାନଦୀ ତଳମୁଣ୍ଡକୁ ଯାଇ ସ୍ଥିତି ପରଖିବେ । ମହାନଦୀରେ ଜଳ ପ୍ରବାହ ବିଷୟରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବେ । ଓଡ଼ିଶା ଛତିଶଗଡ଼ ମଧ୍ୟରେ ଜଳ ବିବାଦ ନେଇ ବୈଷୟିକ ଓ ପରିବେଶଗତ ଦିଗଗୁଡ଼ିକର ମୂଲ୍ୟାଙ୍କନ କରିବେ । ଟ୍ରିବ୍ୟୁନାଲ ଟିମ କ୍ଷେତ୍ର ପରିଦର୍ଶନ କରିବା ପରେ ମାର୍ଚ୍ଚ ୧୪ରେ ହେବ ଶୁଣାଣି । ହେଲେ ମହାନଦୀ ଜଳ ବିବାଦ ସମସ୍ୟାର ସମାଧାନ ହେବ କି ନାହିଁ ତାହା ସବୁଠୁ ବଡ ପ୍ରଶ୍ନ । ପୂର୍ବରୁ ୫୦ ଥର ଟ୍ରିବ୍ୟୁନାଲ୍‌ରେ ଶୁଣାଣି ସରିଛି । ହେଲେ ପ୍ରତିଥର ଓଡ଼ିଶା ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛି । ଛତିଶଗଡର ମନମାନିକୁ ନା ଟ୍ରିବ୍ୟୁନାଲ ଅଙ୍କୁଶ ଲଗାଇପାରିଛି ନା ଶୃଙ୍ଖଳା ପଡିଥିବା ମହାନଦୀକୁ ପାଣି ଆସୁଛି । ତଥାପି ମହାନଦୀ ବିବାଦର ସମାଧାନ ପାଇଁ ଛତିଶଗଡ ସହ ଆପୋଷ ଆଲୋଚନା ଭିତରେ କେନ୍ଦ୍ରକୁ ଭରସିଛନ୍ତି ମୋହନ ସରକାର ।

◆◆ପୃଷ୍ଠା ୭

## ଆଇଡିଏଫସି ଫାଷ୍ଟ ବ୍ୟାଙ୍କରେ ୫୯୦ କୋଟିର ଠକେଇ

ନୂଆଦିଲ୍ଲୀ,୨୩/୨ : ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ଏକ ଶାଖାରେ ପ୍ରାୟ ୫୯୦ କୋଟି ଟଙ୍କାର ଏକ ଠକେଇ ହୋଇଛି। ବ୍ୟାଙ୍କ ନିଜେ ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇଛି ଯେ ଏହାର କିଛି କର୍ମଚାରୀ ଏହି ଠକେଇରେ ସାମିଲ ଅଛନ୍ତି। ହରିୟାଣା ସରକାରଙ୍କ ଏକ ବିଭାଗ କିଛି ସନ୍ଦେହଜନକ କାରବାର ବିଷୟରେ ବ୍ୟାଙ୍କକୁ ସତର୍କ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ବ୍ୟାଙ୍କ ବର୍ତ୍ତମାନ ଏହି ମାମଲାରେ ସମ୍ପୃକ୍ତ ଥିବା ସନ୍ଦେହରେ ଚାରି ଜଣ କର୍ମଚାରୀଙ୍କୁ ନିଲମ୍ବିତ କରିଛି। ବ୍ୟାଙ୍କ କହିଛି ଯେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ଚଣ୍ଡିଗଡ଼ର ଏକ ନିର୍ଦ୍ଦିଷ୍ଟ ଶାଖାରେ ହରିୟାଣା ସରକାରଙ୍କ କିଛି ଆକାଉଣ୍ଟରେ ଜାଲିଆତି ହୋଇଛି। ବ୍ୟାଙ୍କ ଅନୁଯାୟୀ ପ୍ରାୟ ୫୯୦ କୋଟି ଟଙ୍କା ଜଡିତ ଥିବା ଖାତାଗୁଡ଼ିକୁ ପୁନଃ ଯାଞ୍ଚ କରିବାର ପ୍ରକ୍ରିୟା ଚାଲିଛି। ବ୍ୟାଙ୍କ ଏବେ ଅନିୟମିତତା କେତେ ସମୟ ଧରି ଚାଲିଛି ତାହା ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଛି। ବ୍ୟାଙ୍କ ସନ୍ଦେହ କରୁଛି ଯେ ବ୍ୟାଙ୍କ କର୍ମଚାରୀଙ୍କ ସହିତ କିଛି ବାହାର ଲୋକ କିମ୍ବା ସଂସ୍ଥା ମଧ ଏହି ଠକେଇରେ ସାମିଲ ହୋଇପାରନ୍ତି। ବ୍ୟାଙ୍କ ଏ ବିଷୟରେ ରିଜର୍ଭ ବ୍ୟାଙ୍କକୁ ଜଣାଇଛି ଏବଂ ପୋଲିସରେ ଅଭିଯୋଗ ମଧ କରିଛି।

◆◆ପୃଷ୍ଠା ୭

## ଓଡ଼ିଶାରେ ଇତିହାସ ପାଲଟିବେ 'ମାଓବାଦୀ': ନିଖିଳ-ଇନ୍ଦୁଙ୍କ ସରେଣ୍ଡର ପରେ ରହିଲେ ହାତ ଗଣତି ୪୦



ଭୁବନେଶ୍ୱର, ୨୩/୨ (ନି.ପ୍ର): ଘଞ୍ଚ ଜଙ୍ଗଲରେ ମାଓ ବିରୋଧୀ ଅପରେସନକୁ ନେଇ ଘମାସାନ୍। ଦିନ ତ ଦିନ, ରାତିରେ ବି ଜାରି ରହିଛି ସ୍ପେଶାଲ୍ ଅପରେସନ୍ ଗ୍ରୁପ୍ ଝଙଏର ବଡ଼ ନକ୍ସଲ ବିରୋଧୀ ଅଭିଯାନ। କନ୍ଧମାଳ ନଣ୍ଡାବାଡ଼ି ଜଙ୍ଗଲରେ ଆଜିକୁ ୩ ଦିନ ହେଲା ଖେଦି ବୁଲୁଛନ୍ତି ସୁରକ୍ଷାକର୍ମୀ। ଇତିମଧ୍ୟରେ ନଣ୍ଡାବାଡ଼ି ଜଙ୍ଗଲରେ ସିପିଆଇ ମାଓବାଦୀର ଡେପୁଟି କମାଣ୍ଡର ଯୋଗେଶ ଓ ପାର୍ଟି ସଦସ୍ୟା ରତ୍ନାର ମୁଣ୍ଡ ଗଡ଼ିଲାଣି। ଯୋଗେଶ ବିରୋଧରେ ଇନାମ ରାଶି ଥିଲା ୨୨ ଲକ୍ଷ ଏବଂ ରତ୍ନା ବିରୋଧରେ ଥିଲା ୧ ଲକ୍ଷ ୬୫ ହଜାର ଟଙ୍କା। ତେବେ କରଡ଼ା ଜଙ୍ଗଲରେ ଠାବ ମାଓ କ୍ୟାମ୍ପରୁ କିଛି ନକ୍ସଲ ଛତ୍ରଭଙ୍ଗ ଦେଇଥିବାବେଳେ ଘଟଣାସ୍ଥଳରୁ ମିଳିଛି ଇକ ୪୭, ଓଘଝଇଝ ବନ୍ଧୁକ, ଟଏଇଖ ସହିତ ବହୁ ପରିମାଣର ମାଓ ସାମଗ୍ରୀ। ଗୁଳିମାଡ଼ରେ ଆହତ ହୋଇ ଖସିଯାଇଥିବା ନିଜ ସାଥୀଙ୍କୁ ଧରି ସିପିଆଇ ମାଓବାଦୀର ରାଜ୍ୟ କମିଟି ସଦସ୍ୟ ଶୁକ୍ରୁ ଲୁଚି ରହିଥିବା ଆଶଙ୍କା ଥିବାରୁ ଜଙ୍ଗଲ ଭିତରେ ଜାରି ରହିଛି ସର୍ଚ୍ଚ ଅପରେସନ୍। ଆଣ୍ଟି ନକ୍ସଲ୍ ଅପରେସନ୍ ଏଡିଜି ସଞ୍ଜିବ ପଣ୍ଡା ପ୍ରେସମିଟରେ ସୂଚନା ଦେଇ କହିଛନ୍ତି, କନ୍ଧମାଳର ରାଇକିଆ, ଦାରିଙ୍ଗବାଡ଼ି ଏବଂ କୋଟଗଡ଼ ଇଲାକାରେ ଆଉ ପ୍ରାୟ ୩୦ ନକ୍ସଲ ସକ୍ରିୟ ରହିଛନ୍ତି। ଯାହାର ନେତୃତ୍ୱ ନେଉଛି ଶୁକ୍ରୁ। ତେଣୁ ତାକୁ ହିଂସାର ପଥ ଛାଡ଼ି ଆତ୍ମସମର୍ପଣ କରିବାକୁ ଆହ୍ୱାନ କରାଯାଇଛି। କିଛି ଦିନ ତଳେ ରାୟଗଡ଼ା ଜିଲ୍ଲାର ଘଞ୍ଚ ଜଙ୍ଗଲରୁ ମାଓ ଦମ୍ପତି ନିଖିଳ ଏବଂ ପତ୍ନୀ ଇନ୍ଦୁ ସହ ମୋଟ୍ ୧୫ ନକ୍ସଲ ଆତ୍ମସମର୍ପଣ କରିଥିଲେ। ତା'ଭିତରେ କନ୍ଧମାଳରୁ କଳାହାଣ୍ଡି, ବୌଦ୍ଧରୁ ବଲାଙ୍ଗିର। ଘନ ଘନ ନକ୍ସଲ ବିରୋଧୀ ଅପରେସନ୍ ଭିତରେ ମାଓଶୂନ୍ୟ ହେବାକୁ ଯାଉଛି ସାରା ରାଜ୍ୟ। ବିଧାନସଭାରେ ତଥ୍ୟ ରଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ରାଜ୍ୟରେ ଏବେ ସକ୍ରିୟ ରହିଛନ୍ତି ୪୦ ମାଓବାଦୀ। କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ବଲାଙ୍ଗିର ଓ ବରଗଡ଼ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳ ହୋଇ କାର୍ଯ୍ୟ କରୁଛନ୍ତି। ୫ ବର୍ଷରେ ୪୮ ମାଓବାଦୀ ନିହତ ଓ ୭୮ ଜଣ ଗିରଫ ହୋଇଥିବାବେଳେ ୮୨ ଜଣ ଆତ୍ମସମର୍ପଣ କରିଛନ୍ତି।

◆◆ପୃଷ୍ଠା ୭

## ବିଏମସିର ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଭୁବନେଶ୍ୱର, ୨୩/୨ (ନି.ପ୍ର): ବିଏମ୍ ସି ମୁଖ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି, ବିଡିଏ, ଓ ବିଏସସିଏଲ୍ ସଂପର୍କିତ ବିଭିନ୍ନ ଅଭିଯୋଗ ସଂପର୍କରେ ଅଭିଯୋଗକାରୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇଛନ୍ତି ବିଏମ୍ ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଏବଂ ସ୍ମାର୍ଟ ସିଟିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଚଂଚଳ ରାଣା । ତିନୋଟି ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଜନ ଶୁଣାଣି ହୋଇଥିଲା ।

## ମହମ୍ମଦ ୟୁନୁସ୍‌ଙ୍କ ନାଁରେ ବାଂଲାଦେଶ ରାଷ୍ଟ୍ରପତି ଶାହାବୁଦ୍ଦିନଙ୍କ ସାଂଘାତିକ ଅଭିଯୋଗ



ନୂଆଦିଲ୍ଲୀ,୨୩/୨ : ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ପ୍ରାୟ ଦେଢ ବର୍ଷ ପରେ ନିଜକୁ ମୁକ୍ତ ମନେକରୁଛନ୍ତି। ବାଂଲାଦେଶରେ ନୂଆ ସରକାର ଗଠନ ହେବା ଓ ଅନ୍ତରୀଣ ସରକାର ଭାଙ୍ଗିବା ପରେ ଶାହାବୁଦ୍ଦିନ ମହମଦ ୟୁନୁସ୍‌ଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବାଂଲାଦେଶର ଦୈନିକ ଖବରକାଗଜ 'କଲାର କାନଣ୍ଠ'କୁ ଏକ ସାକ୍ଷାତକାର ଦେଇ ଅନ୍ତରୀଣ ପ୍ରଶାସନ ମୁଖ୍ୟ ମହମ୍ମଦ ୟୁନୁସ କେମିତି ତାଙ୍କ ପ୍ରାଧାନ୍ୟ ହ୍ରାସ କରିବାକୁ ତାଙ୍କୁ ଅନ୍ଧାରରେ ରଖୁଥିଲେ ତାହା କହିଛନ୍ତି । ଅଗଷ୍ଟ ୨୦୨୪ରେ ଶେଖ୍ ହସିନାଙ୍କ ସରକାରର ପତନ ପରେ ୟୁନୁସ୍ ଅନ୍ତରୀଣ ପ୍ରଶାସନର ମୁଖ୍ୟ ଥିଲେ। ସେତେବେଳେ ଶାହାବୁଦ୍ଦିନ ସାମ୍ବିଧାନିକ ପଦବିରେ ଥିବା ଏକମାତ୍ର ବ୍ୟକ୍ତି ହୋଇଥିଲେ ମଧ ୟୁନୁସ୍ ତାଙ୍କୁ ହଟେଇବାକୁ ଆଗ୍ରହ ରଖିଥିଲେ। ତାଙ୍କ ବିଦେଶ ଯାତ୍ରା ସେମାନେ ବନ୍ଦ କରିଦେଇଥିଲେ। ସଂସଦୀୟ ନିର୍ବାଚନର କିଛି ଦିନ ପୂର୍ବରୁ ବାଂଲାଦେଶ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ ୟୁନୁସ୍ ଏ ସମ୍ପର୍କରେ ତାଙ୍କୁ କିଛି ଜଣାଇ ନଥିଲେ। ଶାହାବୁଦ୍ଦିନ ୮ ଅଗଷ୍ଟ, ୨୦୨୪ରେ ୟୁନୁସଙ୍କୁ ଶପଥ ପାଠ କରାଇଥିଲେ ଏବଂ ୟୁନୁସ ୧୬ ଫେବୃଆରୀ, ୨୦୨୬ ପର୍ଯ୍ୟନ୍ତ ବାସ୍ତବରେ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଅକ୍ଟୋବର ୨୨, ୨୦୨୪ର ରାତି କଥା ମନେପକାଇ ଶାହାବୁଦ୍ଦିନ କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ବାସଭବନ ବଙ୍ଗଭବନକୁ ହିଂସ୍ରକ ଭିଡ଼ ଘେରି ଯାଇଥିଲେ ଓ ତାଙ୍କ ବହିଷ୍କାର ଦାବି କରିଥିଲେ। ସେହିଦିନ ରାତି ତାଙ୍କ ପାଇଁ ସବୁଠୁ ଭୟଙ୍କର ଥିଲା।

◆◆ପୃଷ୍ଠା ୭

# ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ୭୫ତମ ରାଜ୍ୟ ପୋଲିସ ହକି ଚାମ୍ପିୟନସିପ୍ – ୨୦୨୬ର ଶୁଭାରମ୍ଭ

ଭୁବନେଶ୍ୱର , ୨୩/୨ (ନି.ପ୍ର): ଆଜି ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ୭୫ତମ ରାଜ୍ୟ ପୋଲିସ ହକି ଚାମ୍ପିୟନସିପ୍ – ୨୦୨୬ ଶୁଭାରମ୍ଭ ହୋଇଯାଇଛି। ଶ୍ରୀ ବ୍ରିଜେଶ ରାୟ, ଡିଆଇଜି (ପଶ୍ଚିମାଂଚଳ) ଏହି ଚାମ୍ପିୟାନସିପରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବକ୍ତବ୍ୟ ରଖି ମୁଖ୍ୟ ଅତିଥି ଶ୍ରୀ ରାୟ କହିଥିଲେ ଯେ, ଏପରି ଚାମ୍ପିୟନସିପ୍ ଆୟୋଜନ ଯୋଗୁଁ ପୋଲିସ ବିଭାଗରେ କାର୍ଯ୍ୟରତ କ୍ରୀଡ଼ାବିତଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ହେବା ସହ ଅନୁଶାସନ ତଥା କର୍ତ୍ତବ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ଆହୁରି ସୁଦୃଢ଼ କରେ। ରାଜ୍ୟର ବିଭିନ୍ନ ଜିଲ୍ଲା, ରେଞ୍ଜ ଓ ବାଟାଲିୟନରୁ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାରୁ ପୋଲିସ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ସୃଷ୍ଟି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଚାମ୍ପିୟାନସିପରେ ସାରା ରାଜ୍ୟରେ ବିଭିନ୍ନ ରେଞ୍ଜ ଏବଂ ବାଟାଲିୟନରୁ ୧୪ ଟି ପୋଲିସ ଟିମ ଅଂଶ ଗ୍ରହଣ କରିଥିବା ବେଳେ ସମୁଦାୟ ୩୨୦ ଜଣ ଖେଳାଳି ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜି ପ୍ରଥମ ଦିନରେ ମୋଟ ୧୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପୁଲ୍–ଏ ରେ ଚତୁର୍ଥ ଓଏସଏପି, ରାଉରକେଲା ଓ କମିଶନରେଟ 'ବି' ମଧ୍ୟରେ ଖେଳ ୨–୨ ଗୋଲରେ ଡ୍ର ରହିଥିବା ବେଳେ ସୁନ୍ଦରଗଡ଼ ସମ୍ବଲପୁରକୁ ୪–୦ ଗୋଲରେ ଏବଂ ଚତୁର୍ଥ ଓଏସଏପି, ରାଉରକେଲା ସମ୍ବଲପୁରକୁ ୭–୦ ଗୋଲରେ ପରାଜିତ କରିଥିଲା। ସେହିପରି ସୁନ୍ଦରଗଡ଼ କମିଶନରେଟ 'ବି'କୁ ୨–୧ ଗୋଲରେ ପରାଜିତ କରିଥିଲା। ପୁଲ୍–ବି ରେ ଷଷ୍ଠ ଓଏସଏପି, କଟକ ଓଆଇଏସଏଫ୍, ଭୁବନେଶ୍ୱରକୁ ୪–୦ ଗୋଲରେ ଏବଂ ଅଷ୍ଟମ ବାଟାଲିୟନ, ଛତ୍ରପୁରକୁ ୯–୦ ଗୋଲରେ ପରାଜିତ କରିଥିଲା। ଅନ୍ୟ ମ୍ୟାଚ୍‌ରେ ଚତୁର୍ଥ ଆଇଆରବିଏନ୍, ଦେଓଗଡ଼ ଅଷ୍ଟମ ବାଟାଲିୟନ, ଛତ୍ରପୁରକୁ ୩–୦ ଗୋଲରେ ହରାଇଥିବା ବେଳେ ଓଆଇଏସଏଫ୍, ଭୁବନେଶ୍ୱର ସହିତ ଖେଳ ୨–୨ ଗୋଲରେ ଡ୍ର ରହିଥିଲା। ପୁଲ୍–ସି ରେ ପୁରୀ ଦଳ ଦ୍ୱିତୀୟ ଆଇଆରବିଏନ୍, ରାୟଗଡ଼ାକୁ ୨–୦ ଗୋଲରେ ପରାଜିତ କରିଥିଲା। ରାଉରକେଲା ଦଳ ଦ୍ୱିତୀୟ ଆଇଆରବିଏନ୍, ରାୟଗଡ଼ାକୁ ୭–୦ ଗୋଲରେ ଏବଂ ପୁରୀକୁ ମଧ୍ୟ ୭–୦ ଗୋଲରେ ପରାଜିତ କରି ଦୃଢ଼ ପ୍ରଦର୍ଶନ କରିଥିଲା। ପୁଲ୍–ଡି ରେ କମିଶନରେଟ 'ଏ' ଦଳ ତୃତୀୟ ବାଟାଲିୟନ, କୋରାପୁଟକୁ ୪–୧ ଗୋଲରେ ଏବଂ କୋରାପୁଟ ଜିଲ୍ଲାକୁ ୭–୧ ଗୋଲରେ ପରାଜିତ କରିଥିବା ବେଳେ ତୃତୀୟ ବାଟାଲିୟନ, କୋରାପୁଟ, କୋରାପୁଟ ଜିଲ୍ଲା ପୋଲିସ କୁ ୩–୦ ଗୋଲରେ ହରାଇଥିଲା। ଏହି ଚାମ୍ପିୟାନସିପର ଉଦଘାଟନୀ ସମାରୋହରେ ରତନ କୁମାର, ଡିଆଇଜି, ସିଆଇଏସଏଫ୍, ଶ୍ରୀ ନିତେଶ ୱାଧୱାନୀ , ଏସ୍‌ପି, ରାଉରକେଲା, ଶ୍ରୀମତୀ ଅମୃତପାଲ କୌର, ଏସ୍‌ପି, ସୁନ୍ଦରଗଡ଼, ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡା ଅଧିକାରୀ ନୀଳ ମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ତିହିଡି ଓ ଚାନ୍ଦବାଲିରେ ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ, ୨୩/୨ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ ଗଦି ଚାରିତରଫ ଠାରେ ପୂର୍ବତନ ସାଂସଦ ଓ କିଟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସମାଜସେବୀ ସତ୍ୟାନନ୍ଦ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ଦିଆଯାଇଥିଲା ।ଏହି ସମ୍ବର୍ଦ୍ଧନା ବେଳେ ସମାଜସେବୀ ସୁଦର୍ଶନ ସ୍ୱାଇଁ,ବିଶ୍ୱରଞ୍ଜନ ମହାକୁଡ଼, ନିର୍ମଳ ରାଉତ,ମଙ୍ଗୁଳି ଚରଣ ବେହେରା,ଦେବବ୍ରତ ଦାସ,ବ୍ରଜକିଶୋର ପଣ୍ଡା,ଦିଲ୍ଲୀପ ବେହେରା,ଶ୍ରୀରାମ ନାୟକ, ଧୀରେନ୍ଦ୍ର ନାୟକ, ବୁଦ୍ଧିରାମ ବିଶ୍ୱାଳ, ଦିଲ୍ଲୀପ ବିଶ୍ୱାଳ,ପ୍ରମିଳା ମାଝୀ, ବେଣୁଧର ମାଝୀ, ଗଙ୍ଗାଧର ବାରିକ,ରବିନ୍ଦ୍ର ମାହୁନ୍ତ,ମୃତ୍ୟୁଞ୍ଜୟ ନାୟକ,ଅର୍ଜୁନ ବେହେରା,ବିଜୟ ସାମଲ,ଭରତ ସୁତାର,ଭରତ ପଣ୍ଡା,ବଟକୃଷ୍ଣ ସୁତାର,ଅଗଣି ଚରଣ ବାରିକ,ବେଣୁଧର ମାଝୀ, ପୃଥ୍ୱୀରାଜ ନାୟକ, ପ୍ରଭାତ ବିଶ୍ୱାଳ ପ୍ରମୁଖ ଉପସ୍ଥିତଥିଲେ ।ଗଦିରେ ଏକ ମେଡ଼ିକାଲ କଲେଜ ଖୋଲିବାକୁ ଅଂଚଳବାସୀ ଶ୍ରୀ ସାମନ୍ତଙ୍କ ନିକଟରେ ଦାବିକରିଥିଲେ ।ଶ୍ରୀ ସାମନ୍ତ ସ୍ଥାନୀୟ ଅଂଚଳର ରୋଗୀମାନେ ଚିକିତ୍ସା ହୋଇନପାରି ହାଇରଣ ହେଉଥିବା ଉପଲବ୍ଧି କରି ସମାଜସେବୀ ସାନଭାଇ ସତ୍ୟାନନ୍ଦ ଅଂଚଳର ସମସ୍ୟା ସମ୍ପର୍କରେ କହିଲେ ସେ ସମାଧାନ ଦିଗରେ ପଦକ୍ଷେପ ନେବେବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଭଦ୍ରକ ଜିଲ୍ଲାର ଚାନ୍ଦବାଲିରେ କିଟର ପ୍ରତିଷ୍ଠାତା ଡ଼ଃ ଅଚ୍ୟୁତ ସାମନ୍ତ ଶୁଣିଲେ ଦୁଃଖି ଓ ଅସହାୟଙ୍କ ଦୁଃଖ ,ସହାୟତା କରିବାର ଦେଲେ ପ୍ରତିଶ୍ରୁତି । କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଠାରେ ଏକ ସ୍ୱାସ୍ଥ୍ୟ ସେବା ଶିବିରରେ ଯୋଗ ଦେଇ ବାରିପଦା ଯିବା ବାଟରେ ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ଗାଦି ବଜାର ନିକଟରେ କିଛି ସମୟ ପାଇଁ ଅଟକି ଥିଲେ । ସେଠାରେ ସାଧାରଣ ଲୋକଙ୍କ ସହ ମିଶିବା ସହ ସେମାନଙ୍କ ସୁଖ ଦୁଃଖ ପଚାରି ବୁଝିଥିଲେ । ଅସହାୟ ପରିବାର, ଦୁରାରୋଗ୍ୟରେ ପୀଡିତ ରୋଗୀ, ବେକାର ଯୁବକ ଯୁବତୀ ସମସ୍ତେ ନିଜ ନିଜର ଦୁଃଖ ଜଣାଇ ଥିଲେ । ସମସ୍ତଙ୍କ କଥା ଶୁଣିବା ସହ ଆବଶ୍ୟକ ମୁତାବକ ସହାୟତା ପୂରଣ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଯୁବ ସମାଜସେବୀ ସତ୍ୟାନନ୍ଦ ରାଉତଙ୍କ ଆୟୋଜନରେ ଡ଼ଃ ଅଚ୍ୟୁତ ସାମନ୍ତଙ୍କୁ ଚାନ୍ଦବାଲି ର ବୁଦ୍ଧିଜିବୀ ମହିଳା ମାନେ ବିପୁଳ ସମ୍ବର୍ଦ୍ଧନା ଦେଇଥିଲେ ଚାନ୍ଦବାଲି ବୈତରଣୀ ମୋହୋତ୍ସବ କମିଟିର କର୍ମକର୍ତ୍ତା, ମତୋ ମା ଗଜଲକ୍ଷ୍ମୀ କମିଟିର କର୍ମକର୍ତ୍ତା ଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ମାନେ ପହଂଚି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ନିମନ୍ତ୍ରିତ କରିଥିବା ଦେଖିବାକୁ ମିଳିଛି। ଚାନ୍ଦବାଲି ବ୍ଲକ ର ବେକାର ଯୁବକଯୁବତୀ ମାନଙ୍କୁ ଚାକିରି ସୁବିଧା ସୁଯୋଗ ଯୋଗାଇଦେବାକୁ ପ୍ରତିଶୃତି ମଧ୍ୟ ଦେଇଛନ୍ତି, ଅଂଚଳ ର ଅସହାୟ ଲୋକମାନଙ୍କୁ ସବୁପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶୃତି ମଧ୍ୟ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଚାନ୍ଦବାଲି ର ଦଳ ମତ ନିର୍ବିଶେଷରେ ସମସ୍ତ ଲୋକେ ଉପସ୍ଥିତ ଥିଲେ ଅନ୍ୟମାନଙ୍କ ମଧ୍ୟରେ ଯଶିପୁର ଗ୍ରାମ ପଂଚାୟତ ର ସରପଂଚ ପ୍ରମିଳା ମାଝୀ, ସାହିତ୍ୟିକ ପ୍ରଫୁଲ୍ଲ ଦାସ, ସୁଦର୍ଶନ ସ୍ୱାଇଁ, ଲକ୍ଷ୍ମୀଧର ରାଉତ,ପୃଥ୍ୱିରାଜ ନାୟକ, ସଞ୍ଜୁଲତା ମାଝୀ, ନରେଶ ବଳ,ସିତାଂଶୁ ନାୟକ,ଦିପକ ଭୋଇ, ସୁରେନ୍ଦ୍ର ପାଢ଼ୀ,ଶରତ ଧଳ, ସୁରେନ୍ଦ୍ର ବିଶ୍ୱାଳ,ଦୀପକ ନାୟକ ଙ୍କ ସମେତ ଶତାଧିକ ବୁଦ୍ଧିଜିବୀ ଉପସ୍ଥିତ ଥିଲେ।

## ବୋଲେରୋ ଧକ୍କାରେ ଅନ୍ୟ ଏକ ସ୍କୁଟି ଚାଳକଙ୍କ ମୃତ୍ୟୁ

ଜୟପୁର, ୨୩/୨ (ନି.ପ୍ର): ଜାତୀୟ ରଜପଥ ଉମୁରୀ ନିକଟରେ ଶନିବାର ଅପରାହ୍ନରେ ହୋଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଏକ ସ୍କୁଟି ଚାଳକଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି । ଗୁରୁତର ଥିବା ନୂଆସାହି ଅଂଚଳର ସତୀଶ ସାହୁଙ୍କୁ ଗତକାଲି ଜିଲ୍ଲା ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜ ଏବଂ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଉଥିବା ବେଳେ ରାତ୍ର ସାଢେ ୯ ସମୟରେ ଅଧା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଜି ପରିବାର ଲୋକେ ମରଶରୀରକୁ ଜୟପୁରକୁ ଆଣିବା ପରେ ମୃତ ସତୀଶ ସାହୁଙ୍କ ସାନ ଭଉଣୀ ମନିଷା ସାହୁ ସଦରଥାନା ସମ୍ମୁଖରେ ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ବିରୁଦ୍ଧରେ ମାମଲା ରୁଜୁ କରିବା ସହ ଜେଲକୁ ପଠାଇବାକୁ କହିଥିଲେ। ଆଜି ମୋ ଭାଇ ସହ ଏହିପରି ଦୁର୍ଘଟଣା ଘଟିଛି ଆଗାମୀ ଦିନରେ ଏହିପରି ଆଉ କାହା ସହ ନ ହେଉ ବୋଲି କହିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡି ମାଲିକ କ୍ଷତିପୂରଣ ଦେଇଥିବା ବେଳେ ଆସନ୍ତା କାଲି ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଦୁଇ ବାଇକ ମୁହାଁମୁହିଁ ଧକ୍କା : ୩ ଗୁରୁତର ୧ ଆହତ

ଚମ୍ପୁଆ, ୨୩/୨ (ନି.ପ୍ର): ରବିବାର ଚମ୍ପୁଆ ଉପଖଣ୍ଡସ୍ଥ ଝୁମ୍ପୁରା ଥାନା ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଗୁରୁତର ଆହତ ହୋଇଥିବା ବେଳେ ଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ତେବେ ଗୁରୁତର ମାନେ ହେଲ ଝୁମ୍ପୁରା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଡାକ୍ତର ମୁଣ୍ଡା (୧୮), କାଶିପାଳ ଗ୍ରାମର ରୋହିତ ପ୍ରଧାନ (୧୯), କଟଲପଶି ଗ୍ରାମର ଅଙ୍କିତ କୁମାର (୧୭) ବୋଲି ଜଣାପଡିଥିବା ବେଳେ, ଆହତ ଜଣକ ବଳରାମପୁର ଗ୍ରାମର ଶ୍ରୀରାମ ମୁଣ୍ଡା (୧୯) । ସୂଚନା ଅନୁଯାୟୀ, ଝୁମ୍ପୁରା ଥାନା ନିକଟରେ ଉଭୟ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକ ଚାଳକ ସହ ବାଇକ ରେ ବସିଥିବା ଦୁଇ ଜଣ ରାସ୍ତା ଉପରେ ଛିଟିକି ପଡ଼ିବାରୁ ମୁଣ୍ଡ, ମୁହଁ ଏବଂ ଛାତିରେ ଆଘାତ ଲାଗିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରିଥିଲେ। କିନ୍ତୁ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି ।

# ବିଜେଡିର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା : ଓଡ଼ିଶାରେ ଥ୍ରୀ ଏମ ସରକାର ଚାଲିଛି : ଡ଼ା. ନୃସିଂହ ସାହୁ

ଭୁବନ, ୨୩/୨ (ନି.ପ୍ର): ଓଡ଼ିଶାରେ ଥ୍ରି ଏମ ( ମୋହନ, ମୁକୁ, ମନମୋହନ)ଙ୍କ ସରକାର ଚାଲିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ କିଛି ଜାଣୁ ନାହାନ୍ତି କେବଳ ଅଫିସରଙ୍କ ଲେଖା ପଢୁଛନ୍ତି । କେନ୍ଦ୍ରମନ୍ତ୍ରୀ ମୁକୁ ପ୍ରଧାନ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମନଇଚ୍ଛା କାମ କରୁଛନ୍ତି ବୋଲି ଢ଼େଙ୍କାନାଳ ଜିଲ୍ଲା ବିଜେଡି ସଭାପତି ଡ଼ା. ନୃସିଂହ ଚରଣ ସାହୁ ଭୁବନ ବ୍ଲକ ମହୁଲପାଳ ପଂଚାୟତ କଣପାଳ ଆମ୍ବ ବଗିଚା ଠାରେ ବିଜେଡି ତରଫରୁ ଆୟୋଜିତ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବୃଦ୍ଧ, ବୃଦ୍ଧାଙ୍କୁ ମାସିକ ୩ ହଜାର ଟଙ୍କା, ୮୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବୟସ୍କଙ୍କୁ ୩୫୦୦ ଟଙ୍କା,୨୧ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ମହିଳାଙ୍କୁ ଦୁଇ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଇ ପ୍ରଥମ ଥର ପାଇଁ କ୍ଷମତାକୁ ଆସିଥିବା ବିଜେପି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି । ୨୦ ମାସର ସରକାରରେ ଗୋଟିଏ ବି ନୂଆ ଭତା ଇସ୍ୟୁ ହୋଇନାହିଁ । ପ୍ରତ୍ୟେକ ବ୍ଲକ ଅଫିସରେ ଶହ ଶହ ସଂଖ୍ୟାରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ/ବୃଦ୍ଧାଙ୍କ ଆବେଦନ ପତ୍ର ପଡ଼ି ରହିଛି । ମହିଳା ମାନଙ୍କୁ ସୁଭଦ୍ରା ଯୋଜନାରେ ୨ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ କହି ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ଦିଆଯାଉଛି । ନବୀନ ସରକାର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରିଥିବା ବେଳେ ବିଜେପି ସରକାର ସବୁ ଯୋଜନାର ନାମ ବଦଳାଇବା ସହ ରଙ୍ଗ ମଧ୍ୟ ବଦଳାଇ ଦେଇଛି ବୋଲି କହିବା ସହ ଆସନ୍ତା ପଂଚାୟତ ନିର୍ବାଚନରେ ଏହାର ଜବାବ ଦେବାକୁ ଡ଼ା. ନୃସିଂହ ଚରଣ ସାହୁ ଆହ୍ୱାନ ଦେଇଥିଲେ।

ଭୁବନ ଏନ୍ ଏ ସି ବିଜେଡି ସଭାପତି ତଥା ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ ( ଡୁଗୁ) ଯୋଗଦେଇ କହିଥିଲେ ଯେ, ୩୦୦ ୟୁନିଟ ବିଜୁଳି ଫ୍ରି ମିଳିବ, ଧାନ ମଣ୍ଡିରେ କଟନି ଛଟନି ହେବ ନାହିଁ, ମିଲର ଓ ଦଲାଲ ରାଜ ବନ୍ଦ ହେବ, ୨୪ ଘଂଟାରେ ଚିଟଫଣ୍ଡ ଟଙ୍କା ମିଳିବ, ରତ୍ନ ଭଣ୍ଡାର ଗଣତି ମଣତି ହେବ ବୋଲି ଗ୍ୟାରେଂଟି ଦେଉଥିବା ନେତା କୁଆଡେ ଗଲେ ? ମୁଖ୍ୟମନ୍ତ୍ରୀ ନିଜକୁ ନିଜେ ଲୋକଙ୍କ ସରକାର ବୋଲି ପ୍ରଚାର କରୁଛନ୍ତି । ବାସ୍ତବରେ ରାଜ୍ୟରେ 'ଲୋକଙ୍କ ସରକାର ନୁହେଁ, ଠକଙ୍କ ସରକାର' ଚାଲିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେଡି ଉପ ସଭାପତି ସୁଧାକର ସାହୁ ଯୋଗଦେଇ କହିଥିଲେ ଯେ, ଠନ ଠନ ଧାନ ଆଣିଲେ ୨୪ ଘଂଟା ମଧ୍ୟରେ ଚାଷୀଙ୍କ ଆକାଉଂଟକୁ ଠନ୍ ଠନ୍ ପଇସା ଯିବ ବୋଲି ଖୋଦ୍ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କହୁଥିଲେ । କିନ୍ତୁ, ବାସ୍ତବରେ ୨୪ ଘଂଟା ବଦଳରେ ୨୪ ଦିନ ପରେ ମଧ୍ୟ ଚାଷୀ ଧାନ ବିକ୍ରି କରି ପଇସା ପାଉନାହିଁ । 'ଠନ୍ ଠନ୍ କହି ଲୋକଙ୍କୁ ଦିନରେ ଦେଖାଇ ଦେଲେ ଲଣ୍ଠନ' ବୋଲି ଜିଲ୍ଲା ଉପ ସଭାପତି ସୁଧାକର ସାହୁ କହିଥିଲେ ।

ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲା ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ସାହୁ, ଅଭିମନ୍ୟୁ ବେହେରା, ଅଜୟ ସେଠୀ, ସୋମନାଥ ମହାରଣା, ସମ୍ପାଦକ ବିଶ୍ୱଜିତ୍ ବାରିକ, ପିଂଟୁ ଦାସ, ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ, ଏନଏସି ଉପାଧକ୍ଷା ଶ୍ରୀମତୀ ମାନିନୀ ସାହୁ, ବରିଷ୍ଠ ମହିଳା ନେତ୍ରୀ ପୁଷ୍ପଲତା ରାଉତ ପ୍ରମୁଖ ମଂଚାସୀନ ହୋଇ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ନବ ନିଯୁକ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ବରିଷ୍ଠ ନାଗରିକ ତଥା ୮୮ ବର୍ଷୀୟ ବିଜେଡି ପ୍ରେମୀ ବ୍ରଜବନ୍ଧୁ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଜେଡି ସମର୍ଥିତ ସରପଂଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ( ମହିଳା,ପୁରୁଷ) ଯୋଗଦେଇଥିଲେ ।

# ଜଣେ ସଫଳ ମଣିଷ କ୍ଷୀରସିନ୍ଧୁ ଶଗରିଆ ସି.ସୁବ୍ରମନ୍ୟମ ସମ୍ମାନରେ ସମ୍ମାନିତ

ନୂଆପଡ଼ା, ୨୩/୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ୍ କୁସମାଲ୍ ଗ୍ରାମର କ୍ଷୀରସିନ୍ଧୁ ସଗରିଆ ନିଜ ଅଂଚଳରେ ଥିବା ସମସ୍ୟାକୁ ଦୂରୀଭୂତ କରିବା ପ୍ରୟାସ ଆରମ୍ଭ କରିଥିଲେ। ସେ ଗାଁ ଗାଁ ବୁଲି ଅବହେଳିତ ନିଷ୍ପେସିତ ଲୋକଙ୍କ ଅଧିକାରଙ୍କୁ ଜିଲ୍ଲା ପ୍ରଶାସନକୁ ଦୃଷ୍ଟି ଆକର୍ଷଣ କରି ତାଙ୍କ ଦୁଃଖ ସୁଖରେ ହସ ଫୁଟାଇ ପାରିଥିଲେ କ୍ଷ ସୂଚନା ଅଧିକାର ଆଇନ ତାଙ୍କ ପାଇଁ ଏକ ଆୟୁଦ୍ଧ ପାଲଟିଥିଲା। ସୂଚନା କର୍ମୀ ରୂପେ ଜିଲ୍ଲାରେ ବେଶ ପରିଚିତ ଥିଲେ। ପରେ ଶ୍ରମିକଙ୍କ ଅଧିକାର ଏବଂ ସରକାରୀ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଚୟନ କରିବାକୁ ବାଧ କରିଥିଲେ। ସେ ୯ ଜୁଲାଇ ୧୯୭୫ ରେ ଖଡ଼ିଆଳ ବ୍ଲକର କୁଶମାଲ ଗ୍ରାମରେ ଜନ୍ମ ହୋଇଥିଲେ। ଛୋଟ ବେଳୁ ଅଂଚଳର ଲୋକଙ୍କ ପାଇଁ କାମ କରିବାକୁ ବାହାରିଥିଲେ। ତାଙ୍କ କାର୍ଯ୍ୟ ପାଇଁ ସୂଚନା କମିଶନ ଜଗଦାନନ୍ଦ ପଣ୍ଡା, ରାଜ୍ୟସଭା ସାଂସଦ ଏ ଭି ସ୍ୱାମୀ, ହୁସିଲ ବୋଲର ନାମରେ ସମ୍ମାନିତ କରାଯାଇଥିଲା। ବିକାଶ ନାମକ ବେସରକାରୀ ସଂସ୍ଥା, ଆକ୍ସନଆଡ, ସ୍ୱେଡ଼ କୋରାପୁଟ, ସଂସ୍ଥା, ରୂପାୟନ ଭୁବନେଶ୍ୱର, ଆରସିଡିସି ସଂସ୍ଥା, ପ୍ରାକ୍ସିସ ସଂସ୍ଥା ନୂଆଦିଲ୍ଲୀରେ କାମ କରିଥିଲେ ପୁଣି ନୂଆପଡା ଜିଲ୍ଲାରେ ପରିଚାଳିତ ମନରେଗା, ସମନ୍ୱିତ ଶିଶୁ ବିକାଶ, ବିଆରଜିଏଫ, ଆଇଏୱାଇ ଯୋଜନା ଗୁଡ଼ିକୁ ସାମାଜିକ ସମୀକ୍ଷାରେ ଯୋଗ ଦେଇଥିଲେ। ଦୀର୍ଘ ୧୫ ବର୍ଷ ହେବ ବିଭିନ୍ନ ସମାଜ ସେବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ବିଶେଷ ରୂପେ ଜନସାଧାରଣ ଖାଦ୍ୟ ପାଇଁ ଭୋକରେ ନ ରହି ନିଜ ହକ ଅଧିକାରର ଅଧିକାରୀ ହେବାକୁ ଆହ୍ୱାନ କରିଥିଲେ। ସାମାଜିକ ସମୀକ୍ଷା, ବାଲ୍ୟ ବିବାହ, ଶିଶୁଙ୍କୁ ଉଦ୍ଧାର କରି ତାଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ଶିଶୁ ସୁରକ୍ଷା ୟୁନିଟରେ ଭର୍ତ୍ତି, ପହରିଆ ପରିବାରଙ୍କୁ ୫୦ ଗୋଟି ଆବାସ ଗୃହ ପ୍ରଦାନରେ ସହାୟକ ହୋଇଥିଲେ। ୨୦୦୯ ମସିହାରେ ମନରେଗା ଯୋଜନା ଦୁର୍ନୀତିର ପର୍ଦ୍ଦାଫାଶ କରି ଅଧା ଡ଼ର୍ଜନ ଅଧିକାରୀଙ୍କୁ ନିଲମ୍ବିତ କରିବାରେ ସହାୟକ ହୋଇଥିଲେ। ଦଳିତ ଆଦିବାସୀଙ୍କ ପାଇଁ କାମ କରି ସରକାରୀ ସୁବିଧା ପ୍ରଦାନ କରିବାର ପ୍ରୟାସ କରିଥିଲେ। ଜଙ୍ଗଲ ଅଧିକାର ଆଇନରେ ଆଦିବାସୀଙ୍କ ମାଲିକାନା ପ୍ରଦାନ କରିବାରେ ସହାୟକ କରିଥିଲେ। ଏହି ସବୁ କାର୍ଯ୍ୟ ତାଙ୍କ ଜୀବନରେ ଅନେକ ସଫଳତା ଆଣି ଦେଇଥିବା ବେଳେ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଡ଼ମ ଗଣ୍ଡା ସମାଜର ଖଡିଆଳ ବ୍ଲକ ସମ୍ପାଦକ ରୂପେ କାର୍ଯ୍ୟ କରି ଶିକ୍ଷା ଦ୍ୱାରା ହିଁ ସମାଜର ବିକାଶ ହେବା ନେଇ କାର୍ଯ୍ୟ କରିଥିଲେ। ଏନେଇ ନୂଆଦିଲ୍ଲୀ ଠାରେ ନେସନାଲ ଫାଉଣ୍ଡେସନ ଅଫ ଇଣ୍ଡିଆ ପକ୍ଷରୁ ସି. ସୁବ୍ରମନ୍ୟମ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ନଗଦ ଏକ ଲକ୍ଷ ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ସହ ମାନପତ୍ର ପାଇଛନ୍ତି। ତାଙ୍କ ସଫଳତା ପଛରେ ଅନେକ ଲୋକଙ୍କ ହାତ ଥିବା ବେଳେ ସେଥିମଧ୍ୟରୁ ବରିଷ୍ଠ ସାମ୍ବାଦିକ ଅଜିତ ପଣ୍ଡା, ସମିତ୍ ପଣ୍ଡାଙ୍କ ବିଶେଷ ସହାୟତା କରିଥିବା ଉଲ୍ଲେଖ କରିଛନ୍ତି ।

## ଜାତୀୟ ସେବା ଯୋଜନା ତରଫରୁ ପର୍ଯ୍ୟାବରଣ ପାଠଶାଳା ଆୟୋଜିତ

ଜୟପୁର, ୨୩/୨ (ନି.ପ୍ର): ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜୟପୁର ଠାରେ ଜାତୀୟ ସେବା ଯୋଜନା ତରଫରୁ ପର୍ଯ୍ୟାବରଣ ପାଠଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ବିବେକାନନ୍ଦ ସୁନା ଆନୁଷ୍ଠାନିକ ଉଦଘାଟନ କରିବା ସହ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନର କାରଣ, ସାଂପ୍ରତିକ ପରିସ୍ଥିତିରେ ଘଟୁଥିବା ବିଭିନ୍ନ ପରିବେଶ ସମ୍ବନ୍ଧୀୟ ସମସ୍ୟା, ପ୍ରାକୃତିକ ସମ୍ପଦର ସୁପରିଚାଳନା,ଧାରଣୀୟ ବିକାଶ, ତଥା ମନୁଷ୍ୟକୃତ କାର୍ଯ୍ୟକଳାପର କିପରି ସନ୍ତୁଳିତ ବ୍ୟବହାର ହୋଇପାରିବ ଆଦି ଉପରେ ଏନଏସଏସ ସ୍ୱେଚ୍ଛାସେବୀ ମାନଙ୍କୁ ଉପଦେଶ ଦେଇଥିଲେ। ସେହିପରି ଯୁକ୍ତ ତିନି ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀମତୀ ସୁନିତା କୁମାରୀ ପ୍ରଧାନ, ନିଜ ବକ୍ତବ୍ୟରେ ଅତି ସୁନ୍ଦର ଭାବରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରଂ' ରେ ଲିଖିତ ପରିବେଶର ମହନୀୟତା , ପ୍ରକୃତି ତଥା ମାତୃଭୂମିର ମହତ୍ୱର ଭାବାର୍ଥକୁ ଅତି ସରଳ ଓ ପ୍ରାଞ୍ଜଳ ଭାବରେ ବୁଝାଇ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀମତୀ ସୀମା ମହାପାତ୍ର, ଆଜିର ପର୍ଯ୍ୟାବରଣ ପାଠାଶାଳା ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଓ ଏହାର ବୈଶିଷ୍ଟକୁ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିବା ସହ କାର୍ଯ୍ୟକ୍ରମକୁ ନିଖୁଣ ଭାବରେ ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଶନ ଶକ୍ତି ବିଭାଗର ସମୀକ୍ଷା ବୈଠକ : ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବାକୁ ପ୍ରାଥମିକତା

ଭୁବନେଶ୍ୱର, ୨୩/୨ (ନି.ପ୍ର): ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭାଗର ସମସ୍ତ ଶାଖାର କାର୍ଯ୍ୟକଳାପ ଓ ଜିଲ୍ଲାଭିତ୍ତିକ ପ୍ରଗତି ଉପରେ ସମୀକ୍ଷା କରାଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର କାର୍ଯ୍ୟକଳାପ ଉପରେ ସମୀକ୍ଷା କରିଛନ୍ତି। ଚଳିତ ଆର୍ଥିକ ବର୍ଷର ସଫଳତା, ବିଭିନ୍ନ ଯୋଜନାର ପ୍ରଗତି, ବ୍ୟାଙ୍କ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ, ମହିଳାମାନଙ୍କୁ ଉଦ୍ୟୋଗପତି ଭାବେ ଗଢି ସେମାନଙ୍କ ଆୟବୃଦ୍ଧି କରିବା ସମ୍ପର୍କିତ ପଦକ୍ଷେପଗୁଡ଼ିକୁ ସେ ପର୍ଯ୍ୟବେକ୍ଷଣ କରିଛନ୍ତି । ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ମିଶନ ଶକ୍ତି ବିଭାଗ ମାଧ୍ୟମରେ ଓଡ଼ିଶାର ଲକ୍ଷାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଡ଼ି ଆର୍ଥିକ, ସାମାଜିକ ଓ ଡିଜିଟାଲ ଭାବେ ସଶକ୍ତ ହୋଇପାରିଛନ୍ତି । ଏହି ବିଭାଗ ମହିଳାମାନଙ୍କୁ କେବଳ ଆତ୍ମନିର୍ଭର କରିବାରେ ସୀମିତ ରହିନାହିଁ, ସେମାନଙ୍କୁ ସଫଳ ଉଦ୍ୟୋଗୀ ଓ ସମାଜର ଅଗ୍ରଗାମୀ ନେତୃତ୍ୱ ଭାବେ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି । ମିଶନ ଶକ୍ତି ଆଜି ମହିଳା ସଶକ୍ତିକରଣର ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇଛି, ଯାହା ମହିଳାମାନଙ୍କ ଜୀବନମାନ ଉନ୍ନତି ସହିତ ରାଜ୍ୟର ଆର୍ଥିକ ଉନ୍ନତିରେ ମଧ୍ୟ ମୂଲ୍ୟବାନ ଅବଦାନ ରଖୁଛି। ମହିଳାମାନଙ୍କୁ ଉଦ୍ୟୋଗୀ ଭାବେ ଗଢି ଅଧିକରୁ ଅଧିକ 'ଲକ୍ଷପତି ଦିଦି' ଏବଂ 'ମହାଲକ୍ଷପତି ଦିଦି' ପରିଣତ କରିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମତ ରଖିଛନ୍ତି । ଏଥି ପାଇଁ ଆସନ୍ତା ଆର୍ଥିକ ବର୍ଷରେ ବଜାର ସଂଯୋଗ, ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, ଆର୍ଥିକ ସହାୟତା ଓ ଡିଜିଟାଲ ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଏହି ପଦକ୍ଷେପଗୁଡ଼ିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ଓ ସୁଦୃଢ଼ ଆର୍ଥିକ ସ୍ଥିତି ପ୍ରଦାନ କରିବ । ବୈଠକରେ ଚଳିତ ଆର୍ଥିକ ବର୍ଷର ଲକ୍ଷ୍ୟ ପୂରଣ ସହ ଆସନ୍ତା ଆର୍ଥିକ ବର୍ଷ ପାଇଁ ନିର୍ଦ୍ଧାରିତ ପ୍ରାଥମିକତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା, ଯାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ଭାବେ ଆହୁରି ସଶକ୍ତ କରିବା ସହିତ ଉଦ୍ୟୋଗି ଭାବେ ପ୍ରତିଷ୍ଠିତ କରିବ । ଏହି ସମୀକ୍ଷା ବୈଠକରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ସଚିବ ସୁଶ୍ରୀ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡ଼. ମୋନିକା ପ୍ରିୟଦର୍ଶିନୀଙ୍କ ସମେତ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀ ଏବଂ ସମସ୍ତ ଜିଲ୍ଲାର ଅଧିକାରୀମାନେ ଉପସ୍ଥିତ ଥିଲେ । ମହିଳା ସଶକ୍ତିକରଣ, ମହିଳା ନେତୃତ୍ୱାଧୀନ ବିକାଶ ଏବଂ ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଦିଗରେ ମିଶନ ଶକ୍ତି ବିଭାଗର ଏହି ସମୀକ୍ଷା ବୈଠକ ଏକ ଦୃଢ଼ ପଦକ୍ଷେପ ବୋଲି ଆଶା କରାଯାଇଛି ।

# ଗୁଟଖା କଟକଣା ଖାଉଟିଙ୍କୁ କ୍ଷତି: ବ୍ୟବସାୟୀ ମାଲେମାଲ

ଘଟଗାଁ, ୨୩/୨ (ନି.ପ୍ର): ପୂର୍ବ ସରକାର ସମୟରେ ଯେପରି ଗୁଟଖା ଓ ନିକୋଟିନ ଯୁକ୍ତ ଦ୍ରବ୍ୟ ଉପରେ କଟକଣା କରାଯିବା ପରେ ଉକ୍ତ ଦ୍ରବ୍ୟ ଗୁଡିକର ଦରବୃଦ୍ଧି ଘଟିଥିଲା ସେହିଭଳି ଚଳିତ ସରକାର ମଧ୍ୟ ଗୁଟଖା ଓ ନିକୋଟିନ ଯୁକ୍ତ ଦ୍ରବ୍ୟ ଉପରେ କଡା କଟକଣା ଜାରି କଲେ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଅଭାବରୁ ଗୁଟଖା ଓ ନିକୋଟିନ ଯୁକ୍ତ ସାମଗ୍ରୀ ଗୁଡିକର ଅଭାବନୀୟ ପରିସ୍ଥିତି ସୃଷ୍ଟି କରି ଗୁଟଖା ଓ ପାନ ର ଦର ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି. ଯାହାକି ଏଭଳି ଦର ବୃଦ୍ଧି ଖାଉଟି ମାନଙ୍କୁ କ୍ଷତି ଘଟଇଥିବାବେଳେ ବ୍ୟବସାୟୀ ମାନେ ଦ୍ୱିଗୁଣିତ ଲାଭ ପାଇ ମାଲେମାଲ ହେଉଛନ୍ତି. ବଡ ବଡ ବ୍ୟବସାୟୀ ମାନେ ନିଜ ନିଜ ଗୋଦାମରେ ଗଛିତ କରିରଖିଥିବା ଗୁଟଖା ୨/୩ ଥର ବୃଦ୍ଧି କରି ଗୁଟଖା ପ୍ୟାକେଟ ୧୩୦ଟଙ୍କାରୁ ବୃଦ୍ଧି କରି ବର୍ତ୍ତମାନ ପ୍ୟାକେଟ ୧୯୦ଟଙ୍କାରେ କୌଣସି ପ୍ରମାଣ ନରଖି ଖୁଚୁରା ବ୍ୟବସାୟୀ ଙ୍କୁ ବିକ୍ରି କରୁଥିବା ବେଳେ ଖୁଚୁରା ବ୍ୟବସାୟୀ ମାନେ ଗୋଟେ ଗୁଟଖା ପ୍ୟାକେଟ ରେ ୩୦ପିସ ଥିବାରୁ ଆଗରୁ ଗୁଟଖା ପିସ ୫ ଟଙ୍କା ଟଙ୍କାରେ ବିକ୍ରି କରୁଥିବା ବେଳେ ବର୍ତ୍ତମାନ ଗୋଟେ ଗୁଟଖା ପିସ କୁ ୮ ଟଙ୍କାରେ ବିକ୍ରି କରି ଗୋଟେ ପ୍ୟାକେଟ ୨୪୦ଟଙ୍କା ରେ ବିକ୍ରି ବେଶ ଲାଭବାନ ହେଉଥିବା ବେଳେ ଖାଉଟି ଜଣକ ସେବନ ଅଭ୍ୟାସ ଯୋଗୁଁ ବାଧ ହୋଇ ବର୍ଦ୍ଧିତ ଦମ ଦେଇ କ୍ଷତି ସହୁଛନ୍ତି । ପୂର୍ବ ସରକାର ସମୟରେ ମଧ୍ୟ ଗୁଟଖା ପିସ ଯେତେବେଳେ ମାତ୍ର ୨ ଟଙ୍କରେ ବିକ୍ରି ହେଉଥିଲା ସେତେବେଳେ ମଧ୍ୟ ଗୁଟଖା ଓ ନିକୋଟିନ ଯୁକ୍ତ ଦ୍ରବ୍ୟ ଉପରେ କଡା କଟକଣା ଯୋଗୁଁ କିଛି ମାସ ପାଇଁ ଦୋକାନ ମାନଙ୍କରେ ଗୁଟଖା ମାଳ ଉଭାନ ହୋଇ ଲୁଚାଛୁପାରେ ଗୁଟଖା ପିସ ୨ ଟଙ୍କା ବଦଳରେ ପିସ ୫ ଟଙ୍କରେ ବିକ୍ରି କଲେ ଓ ପ୍ରରମୁହୂର୍ତ୍ତରେ ପୂର୍ବ ଭଳି ଖୁଲମଖୁଲା ସେହି ବର୍ଦ୍ଧିତ ଦର ରେ ବିକ୍ରି କଲେ. ଏବଂ ବର୍ତ୍ତମାନ ମଧ୍ୟ ସେହି ଅବସ୍ଥା । କଟକଣା ନାମରେ ଗୁଟଖା ଦରକୁ ବୃଦ୍ଧି କରାଯାଇ ଖାଉଟି ମାନଙ୍କୁ ଶୋଷଣ କରାଯାଉଥିବାର ଅଭିଯୋଗ ହୋଇଛି । ତେଣୁ ଏଭଳି ପରିସ୍ଥିତିରେ ପ୍ରଥମେ ଗୁଟଖା ପ୍ରସ୍ତୁତି, ଆମଦାନୀ, ଗଛିତ ଓ ବିକ୍ରି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ସ୍ୱାସ୍ଥ୍ୟ ଅହିତ କାରି ତଥା ଜୀବନ ନାଶକାରି ଗୁଟଖା ଓ ନିକୋଟିନ ସାମଗ୍ରୀ ଗୁଡିକର ବ୍ୟବହାର, ଆମଦାନୀ ବିକ୍ରି ଉପରେ ଅଙ୍କୁଶ ଲାଗି ପାରନ୍ତା ।

# ବର୍ଦ୍ଧିତ ମାସିକ ଭତ୍ତା ପାଇବାରୁ ଜଳନ୍ଧର ବଂଚିତ

ମାଲକାନଗିରି, ୨୩/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଆମ୍ବଗୁଡ଼ା ପଂଚାୟତର ସିଙ୍ଗାଲବେଛା ଗ୍ରାମର ପିତମ କୁଆସିଙ୍କ ପୁଅ ଜଳନ୍ଧର କୁଆସୀ(୧୩) ଜଣେ ଦିବ୍ୟାଙ୍ଗ ଅଟନ୍ତି। ସେ ୨୦୨୫ ମସିହାରୁ ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇ ମଧ୍ୟ ସରକାରୀ ନିୟମ ଅନୁଯାୟୀ ଉଚିତ ପରିମାଣର ଭତା ପାଇବାରୁ ବଂଚିତ ହୋଇଛନ୍ତି। ରାଜ୍ୟରେ ୮୦ ପ୍ରତିଶତ କିମ୍ବା ତା' ଠାରୁ ଅଧିକ ଅକ୍ଷମତା ଥିବା ବ୍ୟକ୍ତିମାନେ ୩,୫୦୦ ର ବର୍ଦ୍ଧିତ ମାସିକ ଭତା ପାଇଁ ଯୋଗ୍ୟ ବୋଲି ସରକାର ନିୟମ କରିଛନ୍ତି। କିନ୍ତୁ, ଏହି ବର୍ଦ୍ଧିତ ଭତା ଜଳାନ୍ଧରଙ୍କୁ କାହିଁକି ମିଳୁନି ତାହାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଥାଉକି, ୧୪/୯/୨୦୨୨ ତାରିଖ ରେ ଜଳନ୍ଧରଙ୍କର ୪୦ ପ୍ରତିଶତ ଶାରୀରିକ ଅକ୍ଷମତା ଥିବା ଦର୍ଶାଇଥିବା ବେଳେ ତାଙ୍କ ଦ୍ୱିତୀୟ ଅକ୍ଷମତା ପରିଚୟ ପତ୍ର ଦୁଇ ମାସ ଅନ୍ତରେ ତଥା ୧୯/୧୧/୨୦୨୨ ତାରିଖରେ ୬୦ ପ୍ରତିଶତ ଶାରୀରିକ ଅକ୍ଷମତା ଥିବା ଦର୍ଶାଯାଇଛି। ଏବଂ ଗତ ୨୪/୧୧/୨୦୨୫ ରେ ୮୦ ପ୍ରତିଶତ ଶାରୀରିକ ଅକ୍ଷମତା ରହିଥିବା ପରିଚୟ ପତ୍ର ପ୍ରଦାନ କରାଯାଇଛି। ଯଦି ଜଳନ୍ଧର ୮୦ ପ୍ରତିଶତ ଶାରୀରିକ ଅକ୍ଷମତା ତେବେ କେଉଁ କାରଣରୁ ତାଙ୍କୁ ସରକାରୀ ନିୟମ ଅନୁସାରେ ଭତ୍ତା ପ୍ରଦାନ କରାଯାଉନାହିଁ। ଅବହେଳିତ ଗରିବ ଭିନ୍ନକ୍ଷମଙ୍କ ଜିବନ ଜୀବିକା ନିର୍ବାହରେ କିଛି ମାତ୍ରାରେ ସହାୟକ ନିମନ୍ତେ ସରକାର ଭତା ବ୍ୟବସ୍ଥା କରିଥିବା ବେଳେ ଏହା କିନ୍ତୁ ଜଳନ୍ଧରଙ୍କ କ୍ଷେତ୍ରରେ କାର୍ଯ୍ୟକ୍ଷମ ହେଉନି। ଏନେଇ ସ୍ଥାନୀୟ ଗୋଷ୍ଠୀ ସମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲଙ୍କୁ ପଚାରିବାରୁ ତାଙ୍କର ସମସ୍ତ ପ୍ରକାର କାର୍ଯ୍ୟ ସରିଛି, ଖୁବ କମ୍ ଦିନ ମଧ୍ୟରେ ତାଙ୍କୁ ଭତା ପ୍ରଦାନ କରାଯିବ ବୋଲି ସେ ଆମକୁ କହିଛନ୍ତି।




## ଅଧିକାଂଶ ମହିଳା ଆଲକହଲ୍ ପିଉଥିବା ଦେଖିବାକୁ ମିଳୁଛି । ହେଲେ ଆପଣ ଜାଣନ୍ତି କି ଏହା ନା କେବଳ କ୍ୟାନ୍ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ ଏହା କ୍ଷତିକାରକ...

ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆଲ୍‌କହଲ୍ ଶରୀର ପାଇଁ କ୍ଷତିକାରକ । ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଫଳରେ ତ୍ୱଚା କୁଣ୍ଡେଇହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ । ଏହା ଡ୍ରାଏ ସ୍କିନ୍ ସମସ୍ୟା ସହ ଆଖି ଲାଲ୍ ପଡ଼ିବା ଏବଂ ଓଠ ଫାଟିବା ସମସ୍ୟାର ମୂଳ କାରଣ ସାଜିଥାଏ ।

ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ମୁତାବକ ଦିନରେ ୧ ପେଗ୍‌ରୁ ଅଧିକ ଆଲ୍‌କହଲ୍ ପିଉଥିବା ମହିଳାଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ । ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ । କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍ସର ଆଶଙ୍କା ବଢ଼ିଯାଏ ।

ଆଲ୍‌କହଲ୍ ପିଇବା ଯୋଗୁ ଅନେକଙ୍କଠାରେ ନିଦ୍ରାହୀନତା ଦେଖାଯାଏ । ତ୍ୱଚାରେ ଲାଲ୍ ହୋଇ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ ।

ଏମାନଙ୍କଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇଥାଏ । କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ ।

ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ । ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ । ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ ।




ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ, ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି । ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ । ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ ବୃଦ୍ଧି କରେ । ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ ।

-ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ
-ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ
-ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ
-ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ
-ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ
-ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ
-ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ
-ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ
-ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ
-ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ
-ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ
-ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରିଥାଏ
-ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ
-ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ




ଯେତେ ରୋଜଗାର କଲେ ପାଖରେ ରହୁନି କି ଟଙ୍କା ? ଏହାକୁ ନେଇ ସର୍ବଶ୍ରେଷ୍ଠ ଅର୍ଥନୀତିଜ୍ଞ ଏବଂ ରଣନୀତିଜ୍ଞ ଚାଣକ୍ୟ ତାଙ୍କ ନୀତିରେ କହିଛନ୍ତି କିଛି କୁଅଭ୍ୟାସ ପାଇଁ ପାଖରେ ଟଙ୍କା ରହେ ନାହିଁ । ଟଙ୍କା ଉପାର୍ଜନ କରିବା ଯଥେଷ୍ଟ ନୁହେଁ; ଏହାକୁ ପରିଚାଳନା କରିବା ଏବଂ ସଠିକ୍ ଦିଗରେ ବିନିଯୋଗ କରିବା ମଧ ଜରୁରୀ । ଯଦି ଆପଣ ଚାହାନ୍ତି ଯେ, ଆପଣଙ୍କ ଟଙ୍କା ସ୍ଥାୟୀ ହେଉ ଏବଂ ବୃଦ୍ଧି ପାଉ, ତେବେ ଆପଣଙ୍କୁ ପ୍ରଥମେ ସେହି ଅଭ୍ୟାସଗୁଡ଼ିକୁ ଚିହ୍ନଟ କରିବାକୁ ପଡ଼ିବ ଯାହା ଆପଣଙ୍କ ଆର୍ଥିକ ଭବିଷ୍ୟତ ପାଇଁ ବିପଦ ସୃଷ୍ଟି କରୁଛି । ଚାଣକ୍ୟ ନୀତିରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ଯେଉଁମାନେ ଅଳସୁଆ ଏବଂ ଅନୁଶାସନହୀନ ଜୀବନଯାପନ କରନ୍ତି ସେମାନଙ୍କ ପାଖରେ ଟଙ୍କା ଅଧିକ ଦିନ ସ୍ଥାୟୀ ହୁଏ ନାହିଁ । ଏପରି ଲୋକମାନେ ରୋଜଗାରର ସୁଯୋଗ ହରାଇଥାନ୍ତି ଏବଂ ସେମାନଙ୍କ ଟଙ୍କାକୁ ସଠିକ୍ ଭାବରେ ପରିଚାଳନା କରିବାରେ ବିଫଳ ହୁଅନ୍ତି ।

ଯେଉଁ ବ୍ୟକ୍ତି କେବଳ ନିଜ ପାଇଁ କାମ କରନ୍ତି ଏବଂ ଅନ୍ୟମାନଙ୍କ ମଙ୍ଗଳ ପାଇଁ ଚିନ୍ତା କରନ୍ତି ନାହିଁ ସେ ଶୀଘ୍ର ନିଜର ସମ୍ପତ୍ତି ହରାଇ ଥାଆନ୍ତି । ଚାଣକ୍ୟଙ୍କ ଅନୁସାରେ ଟଙ୍କା କେବଳ ସେମାନଙ୍କ ପାଇଁ ରହିଥାଏ ଯେଉଁମାନେ ଉଦାର, ଜ୍ଞାନୀ ଏବଂ ସାମାଜିକ ସଚେତନ । ଅତ୍ୟଧିକ ଲୋଭୀ ଲୋକମାନେ ଅଯଥା ନିବେଶ କରନ୍ତି ଏବଂ ଶୀଘ୍ର ଟଙ୍କା ହରାଇ ଦିଅନ୍ତି । ଅନ୍ୟପକ୍ଷରେ ଯେଉଁମାନେ ଧୈର୍ଯ୍ୟର ସହିତ ସେମାନଙ୍କର ସମ୍ବଳ ବୃଦ୍ଧି କରନ୍ତି ଏବଂ ବୁଦ୍ଧିମାନ ଭାବରେ ଖର୍ଚ୍ଚ କରନ୍ତି ସେମାନେ ଦୀର୍ଘକାଳୀନ ଭାବରେ ସେମାନଙ୍କର ସମ୍ପତ୍ତି ବୃଦ୍ଧି ପାଆନ୍ତି । ଚାଣକ୍ୟ କହିଛନ୍ତି, ଯେଉଁ ଲୋକମାନଙ୍କର ଅତ୍ୟଧିକ ଭୟ, ଈର୍ଷା ଏବଂ ଚିନ୍ତା ଥାଏ ସେମାନଙ୍କର ଟଙ୍କା ମଧ ସ୍ଥାୟୀ ହୁଏ ନାହିଁ । ମାନସିକ ଅଶାନ୍ତି ସେମାନଙ୍କୁ ବୁଦ୍ଧିମାନ ନିଷ୍ପତ୍ତି ନେବାରୁ ବାଧା ଦିଏ ଏବଂ ପ୍ରାୟତଃ ସୁଯୋଗ ହରାଇବାକୁ ପଡ଼େ ।

ଧନ କେବଳ ସକ୍ଷମ, ଶୃଙ୍ଖଳିତ ଏବଂ ଜ୍ଞାନୀ ଲୋକଙ୍କ ପାଇଁ ରହିଥାଏ । ତେଣୁ ଆଳସ୍ୟ, ଲୋଭ ଏବଂ ସ୍ୱାର୍ଥପରତା ପରିହାର କରନ୍ତୁ, ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ ଏବଂ ଧୈର୍ଯ୍ୟ ରଖନ୍ତୁ ।



## ଏସବୁ ପତ୍ରକୁ ଖାଲି ପେଟରେ ଖାଇଲେ ଯିବାକୁ ପଡ଼ିବନି ମେଡିକାଲ: ସୁସ୍ଥ ରହିବ ହାର୍ଟ



ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ । ଭୃଙ୍ଗରାଜ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ । ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ । ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ । ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ । ଖାଲିପେଟରେ ପାନ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ପାଚନ କ୍ରିୟା ଠିକ୍ ହୋଇଥାଏ । ସେହିପରି ଖାଲିପେଟରେ ଧନିଆ ପତ୍ରରୁ କିଛି ଚୋବେଇ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଭୋକ ହୋଇଥାଏ । ତା'ଛଡ଼ା ବିଭିନ୍ନ ପ୍ରକାରର ସ୍କିନ୍ ଇନ୍‌ଫେକ୍ସନରୁ ବି ଏହା ରକ୍ଷା କରିଥାଏ ।

ଏମିତି ବି କିଛି ଗୁଣକାରୀ ପତ୍ର ରହିଛି; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ । ଯେମିତିକି, ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ । ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ପୁଦିନା ପତ୍ରରୁ କିଛି



## ଦନ୍ତ କ୍ଷୟରୁ ରକ୍ଷା କରେ କ୍ଷୀର



କ୍ଷୀର ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରିବା ଅନାବଶ୍ୟକ । କାରଣ ଆମେ ସମସ୍ତେ ପ୍ରାୟ ଜାଣିଛେ ଯେ ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ରହିଛି । ତେବେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି । ନିୟମିତ କ୍ଷୀର ପିଇଲେ ତାହା ଦନ୍ତକ୍ଷୟଜନିତ ସମସ୍ୟା ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ ।

ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତବ୍ୟକ୍ତ କରିଛନ୍ତି । ଦାନ୍ତଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ଚିକିତ୍ସା କରିବା ସମୟରେ ସେମାନେ ଏହି ଉପାୟକୁ ଅନୁସରଣ କରିଥିଲେ । ସେମାନଙ୍କୁ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଦାନ୍ତ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ । ନିୟମିତ କ୍ଷୀର ପିଇବା ଫଳରେ ଦାନ୍ତ ସନ୍ଧିରେ ଲୁଚି ରହିଥିବା ଜୀବାଣୁମାନଙ୍କୁ ଏହା ମାରିଦେଇଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ଜାଣନ୍ତି କି ଗୋଟିଏ ଘଣ୍ଟାରେ ହାର୍ଟରେ କେତେଥର ହୁଏ ସ୍ପନ୍ଦନ...

ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହାର ଓଜନ ହେଉଛି ମାତ୍ର ୩୦୦-୪୦୦ ଗ୍ରାମ୍ । ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃତ୍‌ପିଣ୍ଡଟି ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିବା ଯାଏ କାର୍ଯ୍ୟ କରୁଥାଏ । ହୃତ୍ ?ପିଣ୍ଡ ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃତ୍‌ପିଣ୍ଡଟି ବନ୍ଦ ହୋଇଯାଏ । ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ । ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ । ଗୋଟିଏ ହୃତ୍‌ପିଣ୍ଡ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ । ଅର୍ଥାତ୍, ହୃତ୍‌ପିଣ୍ଡ ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ । ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ । ହୃତ୍‌ପିଣ୍ଡର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ । ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ । ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ । ରକ୍ତଚାପ ବୃଦ୍ଧି ହେଲେ ଏହା ମଧ ଅସୁବିଧା ହୋଇଥାଏ । ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୃଦ୍‌ରୋଗର ଆଶଙ୍କା ଅଧିକ ଥାଏ । ହୃଦ୍‌ଜନିତ ସମସ୍ୟା ଥରେ ଜଣାପଡ଼ିଲେ ଏଥିପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ ।

# ତରଳୁଥିବା ବରଫ ଓ ଉତ୍ତପ୍ତ ରାଜନୀତି

ଏକଦା ପୃଥିବୀର ସବୁଠାରୁ ଶାନ୍ତ, ବରଫାବୃତ ଏବଂ ଦୁର୍ଗମ ଅଞ୍ଚଳ ଭାବରେ ପରିଚିତ ଆର୍କଟିକ୍ ବା ସୁମେରୁ ଅଞ୍ଚଳ ଆଜି ବିଶ୍ୱ ରାଜନୀତିର ଏକ ନୂତନ ରଣକ୍ଷେତ୍ରରେ ପରିଣତ ହେବାକୁ ଯାଉଛି । ଜଳବାୟୁ ପରିବର୍ତ୍ତନର ବିଭୀଷିକା ଯେତେବେଳେ ସମଗ୍ର ମାନବ ସମାଜ ପାଇଁ ଏକ ଅସ୍ତିତ୍ୱର ସଙ୍କଟ ସୃଷ୍ଟି କରିଛି, ଠିକ୍ ସେହି ସମୟରେ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରମାନେ ଏହି ବିପର୍ଯ୍ୟୟ ମଧ୍ୟରେ ଅର୍ଥନୈତିକ ଏବଂ ସାମରିକ ସୁଯୋଗ ଖୋଜିବାରେ ବ୍ୟସ୍ତ ଅଛନ୍ତି । ବୈଜ୍ଞାନିକ ତଥ୍ୟ ଅନୁଯାୟୀ, ବିଶ୍ୱର ଅନ୍ୟ ଯେକୌଣସି ସ୍ଥାନ ତୁଳନାରେ ଆର୍କଟିକ୍ ଅଞ୍ଚଳ ତିନିରୁ ଚାରି ଗୁଣ ଅଧିକ ଦ୍ରୁତ ଗତିରେ ଉତ୍ତପ୍ତ ହେଉଛି । ଏହି ଦ୍ରୁତ ବରଫ ତରଳିବା ପ୍ରକ୍ରିୟା କେବଳ ସମୁଦ୍ର ପତ୍ତନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଦୀର୍ଘ ଦିନ ଧରି ବରଫ ତଳେ ଚାପି ହୋଇ ରହିଥିବା ବାଣିଜ୍ୟିକ ପଥ ଏବଂ ପ୍ରାକୃତିକ ସମ୍ପଦକୁ ଉନ୍ମୁକ୍ତ କରୁଛି, ଯାହା ଫଳରେ ଆର୍କଟିକ୍‌ର ଭୂ-ରାଜନୀତି ବା ଜିଓପଲିଟିକ୍ସରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଦେଖାଦେଇଛି ।

ଆର୍କଟିକ୍ ଅଞ୍ଚଳର ଏହି ରୂପାନ୍ତରଣର ସବୁଠାରୁ ବଡ଼ କାରଣ ହେଉଛି ନୂତନ ସାମୁଦ୍ରିକ ବାଣିଜ୍ୟ ପଥର ଆବିଷ୍କାର । ଐତିହାସିକ ଭାବରେ ୟୁରୋପ ଏବଂ ଏସିଆ ମଧ୍ୟରେ ବାଣିଜ୍ୟ ପାଇଁ ସୁଏଜ୍ କେନାଲ ଉପରେ ନିର୍ଭର କରିବାକୁ ପଡୁଥିଲା। କିନ୍ତୁ ଆର୍କଟିକ୍ ବରଫ ତରଳିବା ଫଳରେ 'ନର୍ଦର୍ଣ୍ଣ ସି ରୁଟ୍' (**Northern Sea Route - NSR**) ବା ଉତ୍ତର ସାଗର ପଥ ବର୍ଷର ଅଧିକାଂଶ ସମୟ ନୌଚାଳନା ଯୋଗ୍ୟ ହୋଇପାରୁଛି । ପରିସଂଖ୍ୟାନ ଅନୁଯାୟୀ, ସୁଏଜ୍ କେନାଲ ତୁଳନାରେ ଏହି ନୂତନ ପଥ ୟୁରୋପ ଏବଂ ପୂର୍ବ ଏସିଆ ମଧ୍ୟରେ ଦୂରତାକୁ ପ୍ରାୟ ୪୦ ପ୍ରତିଶତ ହ୍ରାସ କରିପାରିବ । ଉଦାହରଣ ସ୍ୱରୂପ, ଲଣ୍ଡନରୁ ଟୋକିଓ ଯିବା ପାଇଁ ସୁଏଜ୍ କେନାଲ ଦେଇ ପ୍ରାୟ ୨୧,୦୦୦ କିଲୋମିଟର ଅତିକ୍ରମ କରିବାକୁ ପଡୁଥିବା ବେଳେ, ଆର୍କଟିକ୍ ପଥ ଦେଇ ଏହା ମାତ୍ର ୧୩,୦୦୦ କିଲୋମିଟରରେ ସୀମିତ ରହିବ । ଏହା ଦ୍ୱାରା କେବଳ ସମୟ ବଞ୍ଚିବ ନାହିଁ, ବରଂ ଇନ୍ଧନ ଖର୍ଚ୍ଚ ଏବଂ ପରିବହନ ମୂଲ୍ୟରେ ମଧ୍ୟ ବ୍ୟାପକ ହ୍ରାସ ଘଟିବ । ତେଣୁ ବିଶ୍ୱ ବାଣିଜ୍ୟର ଏହି ନୂତନ 'ସୁପର ହାଇୱେ' ଉପରେ ନିୟନ୍ତ୍ରଣ ଜାହିର କରିବା ପାଇଁ ବୃହତ୍ ଶକ୍ତିମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି ।

ଏହି ପ୍ରତିଯୋଗିତାରେ ରଷିଆ ସବୁଠାରୁ ଆଗରେ ରହିଛି । ଆର୍କଟିକ୍ ମହାସାଗରର ତଟରେଖାର ପ୍ରାୟ ୫୩ ପ୍ରତିଶତ ଅଂଶ ରଷିଆର ଅଧୀନରେ ରହିଛି। ରଷିଆ ପାଇଁ ଆର୍କଟିକ୍ କେବଳ ଏକ ବରଫାବୃତ ଅଞ୍ଚଳ ନୁହେଁ, ବରଂ ଏହା ତାହାର ଭବିଷ୍ୟତ ଅର୍ଥନୀତିର ମେରୁଦଣ୍ଡ । ଆମେରିକାର ଭୂ-ତତ୍ତ୍ୱ ସର୍ବେକ୍ଷଣ (**USGS**) ରିପୋର୍ଟ ଅନୁଯାୟୀ, ଆର୍କଟିକ୍ ଅଞ୍ଚଳରେ ବିଶ୍ୱର ଅନାବିଷ୍କୃତ ତୈଳର ପ୍ରାୟ ୧୩ ପ୍ରତିଶତ ଏବଂ ପ୍ରାକୃତିକ ଗ୍ୟାସର ୩୦ ପ୍ରତିଶତ ଗଚ୍ଛିତ ରହିଛି । ଏହା ବ୍ୟତୀତ ବହୁମୂଲ୍ୟ ଖଣିଜ ସମ୍ପଦ ଯଥା ନିକେଲ, ପ୍ଲାଟିନମ୍, ପାଲାଡିୟମ ଏବଂ ବିରଳ ମୃତ୍ତିକା ଉପାଦାନ (**Rare Earth Elements**) ଏଠାରେ ପ୍ରଚୁର ପରିମାଣରେ ରହିଛି । ପାଶ୍ଚାତ୍ୟ ଦେଶମାନଙ୍କ କଟକଣା ଯୋଗୁଁ ଅର୍ଥନୈତିକ ଚାପରେ ଥିବା ରଷିଆ ପାଇଁ ଏହି ସମ୍ପଦର ଉତ୍ତୋଳନ ଏକାନ୍ତ ଆବଶ୍ୟକ । ଏଥିପାଇଁ ରଷିଆ ନିଜର ଉତ୍ତରୀୟ ନୌସେନା (**Northern Fleet**)କୁ ଆଧୁନିକୀକରଣ କରିବା ସହ ଆର୍କଟିକ୍ ଅଞ୍ଚଳରେ ସାମରିକ ଘାଟିଗୁଡ଼ିକୁ ପୁନରୁଦ୍ଧାର କରୁଛି । ରଷିଆ ପାଖରେ ବିଶ୍ୱର ସର୍ବାଧିକ ସଂଖ୍ୟକ ପରମାଣୁ ଚାଳିତ 'ଆଇସ୍ ବ୍ରେକର' (**Icebreakers**) ବା ବରଫ କାଟିପାରୁଥିବା ଜାହାଜ ରହିଛି, ଯାହା ତାକୁ ଏହି ଅଞ୍ଚଳରେ ଏକଚାଟିଆ ଆଧିପତ୍ୟ ବିସ୍ତାର କରିବାରେ ସାହାଯ୍ୟ କରୁଛି ।

ଅନ୍ୟପକ୍ଷରେ, ଚୀନ୍ ଯଦିଓ ଭୌଗୋଳିକ ଦୃଷ୍ଟିରୁ ଆର୍କଟିକ୍ ଠାରୁ ବହୁ ଦୂରରେ ଅବସ୍ଥିତ, ତଥାପି ନିଜକୁ ଏକ 'ନିକଟ-ଆର୍କଟିକ୍ ରାଷ୍ଟ୍ର' (**Near-Arctic State**) ଭାବରେ ଘୋଷଣା କରି ଏହି ଖେଳରେ ପ୍ରବେଶ କରିଛି । ଚୀନ୍‌ର 'ପୋଲାର ସିଲ୍କ ରୋଡ୍' (**Polar Silk Road**) ପରିକଳ୍ପନା ମାଧ୍ୟମରେ ସେ ଆର୍କଟିକ୍ ଅଞ୍ଚଳରେ ଭିତ୍ତିଭୂମି ବିକାଶ ଏବଂ ଶକ୍ତି ପ୍ରକଳ୍ପଗୁଡ଼ିକରେ ବିପୁଳ ପୁଞ୍ଜିନିବେଶ କରୁଛି । ରଷିଆ ସହିତ ଚୀନ୍‌ର ବଢୁଥିବା ସମ୍ପର୍କ ଏହି ଅଞ୍ଚଳରେ ପାଶ୍ଚାତ୍ୟ ଦେଶମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଚୀନ୍ ବୁଝିପାରିଛି ଯେ ଭବିଷ୍ୟତରେ ମଲାକା ପ୍ରଣାଳୀ ଉପରେ ନିର୍ଭରଶୀଳତା କମାଇବାକୁ ହେଲେ ଆର୍କଟିକ୍ ପଥ ହିଁ ଏକମାତ୍ର ବିକଳ୍ପ । ତେଣୁ ଚୀନ୍ ଏଠାରେ ନିଜର ଉପସ୍ଥିତି ଜାହିର କରିବାକୁ ଚେଷ୍ଟା କରୁଛି, ଯାହାକୁ ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ରମାନେ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି ।

ଏହି ପରିପ୍ରେକ୍ଷୀରେ ଆମେରିକା ଏବଂ ନାଟୋ (**NATO**) ସଙ୍ଗଠନର ପ୍ରତିକ୍ରିୟା ମଧ୍ୟ ତୀବ୍ରତର ହୋଇଛି । ଦୀର୍ଘ ଦଶନ୍ଧି ଧରି ଆମେରିକା ଆର୍କଟିକ୍ ପ୍ରତି ବିଶେଷ ଧ୍ୟାନ ଦେଇନଥିଲା, କିନ୍ତୁ ରଷିଆ ଏବଂ ଚୀନ୍‌ର ଗତିବିଧି ଦେଖି ୱାଶିଂଟନ୍ ଏବେ ସତର୍କ ହୋଇଉଠିଛି । ନିକଟରେ ଫିନଲ୍ୟାଣ୍ଡ ଏବଂ ସ୍ୱିଡେନ୍ ନାଟୋରେ ଯୋଗଦେବା ଫଳରେ ଆର୍କଟିକ୍‌ର ଭୂ-ରାଜନୈତିକ ମାନଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି । ଆର୍କଟିକ୍ କାଉନ୍ସିଲ୍‌ର ଆଠଟି ସଦସ୍ୟ ରାଷ୍ଟ୍ର ମଧ୍ୟରୁ ଏବେ ସାତଟି ରାଷ୍ଟ୍ର ନାଟୋର ସଦସ୍ୟ । ଏହା ଫଳରେ ଆର୍କଟିକ୍ ଅଞ୍ଚଳ ରଷିଆ ବନାମ ନାଟୋର ଏକ ପ୍ରତ୍ୟକ୍ଷ ସଂଘର୍ଷ କ୍ଷେତ୍ରରେ ପରିଣତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବରୁ ଯେଉଁ ଅଞ୍ଚଳକୁ 'ଉଚ୍ଚ ଉତ୍ତର, ନିମ୍ନ ଉତ୍ତେଜନା' (**High North, Low Tension**) ର କ୍ଷେତ୍ର ବୋଲି କୁହାଯାଉଥିଲା, ତାହା ଏବେ ସାମରିକ ଅଭ୍ୟାସ ଏବଂ ଶକ୍ତି ପ୍ରଦର୍ଶନର କେନ୍ଦ୍ରବିନ୍ଦୁ ପାଲଟିଛି ।

ତେବେ, ଏହି ସମସ୍ତ ରାଜନୈତିକ ଏବଂ ଅର୍ଥନୈତିକ ଲାଭକ୍ଷତିର ହିସାବ ଭିତରେ ପରିବେଶର ସୁରକ୍ଷା ସବୁଠାରୁ ବଡ଼ ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଛି । ଆର୍କଟିକ୍‌ର ବରଫ ତରଳିବା କେବଳ ଏକ ଭୌଗୋଳିକ ପରିବର୍ତ୍ତନ ନୁହେଁ, ଏହା ଏକ ପରିବେଶଗତ ବିପର୍ଯ୍ୟୟ । ପରମାଫ୍ରଷ୍ଟ (**Permafrost**) ବା ଚିରସ୍ଥାୟୀ ବରଫ ତରଳିବା ଫଳରେ ବାୟୁମଣ୍ଡଳକୁ ପ୍ରଚୁର ପରିମାଣରେ ମିଥେନ୍ ଗ୍ୟାସ୍ ନିର୍ଗତ ହେଉଛି, ଯାହା ବିଶ୍ୱ ତାପାୟନକୁ ଆହୁରି ତ୍ୱରାନ୍ୱିତ କରୁଛି । ଏହା ଏକ ବିଷମ ଚକ୍ର ସୃଷ୍ଟି କରୁଛି—ତାପମାତ୍ରା ବୃଦ୍ଧି ବରଫ ତରଳାଉଛି ଏବଂ ବରଫ ତରଳିବା ପୁଣି ତାପମାତ୍ରା ବଢାଉଛି । ଏହା ସହିତ ସେଠାରେ ବସବାସ କରୁଥିବା ସ୍ଥାନୀୟ ଜନଜାତି (**Indigenous Communities**) ମାନଙ୍କର ଜୀବନଜୀବିକା ଏବଂ ସଂସ୍କୃତି ଘୋର ସଙ୍କଟର ସମ୍ମୁଖୀନ ହୋଇଛି । ଶିଳ୍ପାୟନ ଏବଂ ସାମରିକୀକରଣ ଯୋଗୁଁ ଆର୍କଟିକ୍‌ର ସମ୍ବେଦନଶୀଳ ପରିବେଶ ତନ୍ତ୍ର (**Ecosystem**) ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି ।

ପରିଶେଷରେ, ଆର୍କଟିକ୍‌ର ପରିବର୍ତ୍ତନ ମାନବ ସମାଜ ପାଇଁ ଏକ ପରୀକ୍ଷା ସଦୃଶ । ଗୋଟିଏ ପଟେ ଅମାପ ପ୍ରାକୃତିକ ସମ୍ପଦ ଏବଂ ବାଣିଜ୍ୟିକ ସୁଯୋଗର ପ୍ରଲୋଭନ ରହିଛି, ଅନ୍ୟ ପଟେ ପରିବେଶ ବିନାଶର ଭୟାବହ ଚିତ୍ର । ଯଦି ବିଶ୍ୱ ନେତୃବୃନ୍ଦ ଆର୍କଟିକ୍‌କୁ କେବଳ ଶୋଷଣର କ୍ଷେତ୍ର ଭାବରେ ବିବେଚନା କରନ୍ତି ଏବଂ ଭୂ-ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାରେ ମାତିରୁହନ୍ତି, ତେବେ ଏହାର ପରିଣାମ ଭୟଙ୍କର ହେବ । ଆର୍କଟିକ୍‌ର ବରଫ ତରଳିବା ଆମ ପାଇଁ କୌଣସି ବିଜୟର ସଙ୍କେତ ନୁହେଁ, ବରଂ ଏହା ପ୍ରକୃତିର ଏକ ଚେତାବନୀ । ଏହି ଅଞ୍ଚଳର ପରିଚାଳନା ପାଇଁ ଆନ୍ତର୍ଜାତିକ ଆଇନର କଡ଼ାକଡ଼ି ପାଳନ, ସହଯୋଗ ଏବଂ ସ୍ଥାୟୀ ବିକାଶର ଆବଶ୍ୟକତା ରହିଛି । ଆର୍କଟିକ୍‌ର ଭବିଷ୍ୟତ କେବଳ ସେହି ଅଞ୍ଚଳର ଦେଶମାନଙ୍କ ଉପରେ ନିର୍ଭର କରେନାହିଁ, ବରଂ ଏହା ସମଗ୍ର ବିଶ୍ୱର ଜଳବାୟୁ ସନ୍ତୁଳନ ସହିତ ଜଡ଼ିତ । ତେଣୁ, 'ଶୀତଳ ଯୁଦ୍ଧ'ର ମାନସିକତାରୁ ବାହାରି ଏହି 'ଶୀତଳ ଅଞ୍ଚଳ'କୁ ରକ୍ଷା କରିବା ପାଇଁ ଏକ ସମ୍ମିଳିତ ପ୍ରୟାସର ଆବଶ୍ୟକତା ଆଜି ଅନିବାର୍ଯ୍ୟ ହୋଇପଡ଼ିଛି ।

# ବିଶ୍ୱ ବିଦ୍ୟାଳୟ ମାନ୍ୟତାରୁ ବଞ୍ଚିତ ଶୈଳବାଳା ମହାବିଦ୍ୟାଳୟ



## ଡ଼ଃ.ଅରୁନ୍ଧତୀ ଦେବୀ

କେବଳ ଓଡ଼ିଶାର ଶିକ୍ଷାକ୍ଷେତ୍ର ନୁହେଁ ପୂର୍ବ ଭାରତର ଏକ ପ୍ରମୁଖ ଓ ସର୍ବପୁରାତନ ମହିଳା ମହାବିଦ୍ୟାଳୟ ଭାବେ ଶହେ ତେର ବର୍ଷର ପରିଚୟରେ ସମୃଦ୍ଧ ଓ ଅନନ୍ୟ। ବିଶ୍ୱ ବିଦ୍ୟାଳୟ ପାଇଁ ସମସ୍ତ ଯୋଗ୍ୟତା ଥିଲେ ବି ଶୈଳବାଳା ମହାବିଦ୍ୟାଳୟ ଏହି ମାନ୍ୟତାରୁ ବାଦ ପଡ଼ିଛି। ଅନେକ ହୁଏତ ଜାଣିନଥିବେ ଆଧୁନିକ ଭାରତ ଗଠନର ମୁକସାକ୍ଷୀ ଭାବେ ଏହାର ଇତିହାସ ସମୃଦ୍ଧ ଏବଂ ଏହି ଶିକ୍ଷାନୁଷ୍ଠାନ ଏକ ଯଶସ୍ୱୀ ଶିକ୍ଷାନୁଷ୍ଠାନ ଭାବେ ପରିଚିତ। ଓଡ଼ିଶାର ପ୍ରଥମ ମହିଳା କଲେଜ ଭାବେ ଶୈଳବାଳା ସ୍ୱୟଂ ଶାସିତ ମହିଳା କଲେଜ ସାରା ଭାରତରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏଠାରୁ ପଢ଼ି ବହୁ ମହିଳା ସମଗ୍ର ଦେଶରେ ନିଜକୁ ସୁପ୍ରତିଷ୍ଠିତ କରିଛନ୍ତି। ରାଜ୍ୟରେ ମହିଳା ଉଚ୍ଚଶିକ୍ଷାର ବିକାଶ ଦିଗରେ ବିଶେଷ ଭୂମିକା ତୁଲାଇ ଆସିଥିବା ଶୈଳବାଳାକୁ ଆଜି ସୁଦ୍ଧା ନ୍ୟାୟ ମିଳିପାରି ନାହିଁ। ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ସମସ୍ତ ଯୋଗ୍ୟତା ଥିଲେ ବି ଏହାକୁ ଅଣଦେଖା କରାଯାଇ ଆସୁଛି। ବହୁ ବର୍ଷ ଧରି ଉକ୍ତ ମାନ୍ୟତା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏକ ଦିଗରେ ଉଦ୍ୟମ କରୁନାହାନ୍ତି। ଶୈଳବାଳା କଲେଜର ବହୁ ପଛରେ ସ୍ଥାପିତ ହୋଇ ଏକାଧିକ କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିବା ବେଳେ ଏହାକୁ ବାରମ୍ବାର ଉପେକ୍ଷା କରାଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି।

୧୯୧୩ରେ ସ୍ଥାପିତ ରାଜ୍ୟର ପ୍ରଥମ ଓ ଦେଶର ଦ୍ୱିତୀୟ ମହିଳା କଲେଜ ଭାବେ ବହୁ ସୁଖ୍ୟାତି ରହିଛି। ହେଲେ ଏହାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ ସୁଦ୍ଧା ଉଚିତ ସମ୍ମାନ ପ୍ରଦାନ କରାଗଲା ନାହିଁ। କଲେଜର ବର୍ତ୍ତମାନ ଚାରି ହଜାରରୁ ଅଧିକ ଛାତ୍ରୀ ପଢୁଛନ୍ତି। ୨୪ଟି ପାଠ୍ୟକ୍ରମରେ ସମ୍ମାନ ଓ ୨୨ଟି ପାଠ୍ୟକ୍ରମରେ ସ୍ନାତକୋତ୍ତର ରହିଛି। ବିଶ୍ୱବିଦ୍ୟାଳୟ ମାନ୍ୟତା ସହିତ କଲେଜ ଖେଳପଡ଼ିଆ ଓ ଦ୍ୱିତୀୟ କ୍ୟାମ୍ପସ ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଛି, ଯାହା ଆଜି ସୁଦ୍ଧା ପୂରଣ କରାଗଲା ନାହିଁ। ଉତ୍କଳ ଗୌରବ ମଧୁସୂଦନଙ୍କ ବାସଭବନରେ ୧୯୧୩ ମସିହାରେ ପ୍ରତିଷ୍ଠା ହୋଇଥିବା ତଥା ତାଙ୍କ ଝିଅଙ୍କ ନାମରେ ନାମିତ ଶୈଳବାଳା ମହିଳା କଲେଜ ବାରମ୍ବାର ବୈମାତୃକ ମନୋଭାବର ଶିକାର ହୋଇଛି।

ଓଡ଼ିଶାରେ ନାରୀ ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶେଷ ଭୂମିକା ତୁଲାଇଥିବା ଶୈଳବାଳା ସ୍ୱୟଂ ଶାସିତ ମହିଳା କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖାଯାଇଛି ବୋଲି କଲେଜ ପରିଚାଳନା କମିଟି ମତ ରଖିଛନ୍ତି। ଅନ୍ୟପକ୍ଷରେ ରାଜନୈତିକ ଇଚ୍ଛାଶକ୍ତି ନଥିବାରୁ ଉକ୍ତ କଲେଜର ବହୁ ପଛରେ ହୋଇଥିବା କଲେଜ ଗୁଡ଼ିକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛନ୍ତି। ହେଲେ ଏହି ମାନ୍ୟତା ପାଇଁ ସମସ୍ତ ଯୋଗ୍ୟତା ଥାଇ ବି ଶୈଳବାଳାକୁ ଅଣଦେଖା କରାଯାଇଛି। ସୂଚନା ଅନୁଯାୟୀ ୧୯୧୩ ମସିହାରେ ସ୍ଥାପିତ ଓଡ଼ିଶାର ପ୍ରଥମ ମହିଳା କଲେଜକୁ ୨୦୧୭ ମାର୍ଚ୍ଚରେ ୟୁଜିସି ପକ୍ଷରୁ ସ୍ୱୟଂଶାସିତ କଲେଜର ମାନ୍ୟତା ମିଳିଥିବା ବେଳେ ନାକ୍ ପକ୍ଷରୁ ୨୦୦୬ ଓ ୨୦୧୭ରେ ଏ ଗ୍ରେଡ଼ ମିଳିଥିଲା। ଶୈଳବାଳା ମହାବିଦ୍ୟାଳୟକୁ ତୁରନ୍ତ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରନ୍ତୁ। ସୂଚନାଥାଉକି ଶୈଳବାଳା ମହାବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପାଇଁ ଜମି ଦିଆଯାଇ ନାହିଁ ଏବେ କଲେଜ ପରିସରରେ ଥିବା ମଧୁବାବୁଙ୍କ କୋଠା ବା ମଧୁସ୍ମୃତି ଏବଂ ଶୈଳବାଳାଙ୍କ କୋଠା ମଧୁମନ୍ଦିରକୁ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଅଧୀନକୁ ନେବାକୁ ସ୍ଥିର କରିଛନ୍ତି। ରାଜ୍ୟର ଅନେକ ଝିଅ ଏହି ଯଶସ୍ୱୀ ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶାର ନାମକୁ ଗୌରବାନ୍ୱିତ କରିଛନ୍ତି। ରାଜ୍ୟ ସରକାର ଓଡ଼ିଶାର ନାରୀ ଶିକ୍ଷାକୁ ସମ୍ମାନ ଜଣାଇ ଶୈଳବାଳା ମହାବିଦ୍ୟାଳୟକୁ ଶୀଘ୍ର ବିଶ୍ୱବିଦ୍ୟାଳୟ ଘୋଷଣା କରିବା ଯଥାର୍ଥ ମନେହୁଏ।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଆନ୍ଦୋଳନ କଟକ,
ମୋ: ୯୯୩୭୧୭୨୮୧୦

# ନାରୀ ଚେତନାର ମାର୍ମିକ ଅନ୍ତଃସ୍ୱର



## ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା

ଆମ ଜୀବନର ସ୍ୱପ୍ନର ସମ୍ପର୍କ ଖୁବ୍ ନିବିଡ଼ । କେହି ଛୋଟ ସ୍ୱପ୍ନ ଦେଖେ, କେହି ବଡ଼ । ଆଜି ଆମକୁ ଆଶ୍ଚର୍ଯ୍ୟ କରିଦେବା ପରି ଯେଉଁ ମେସିନ୍ ଓ ଜ୍ଞାନକୌଶଳ ଦେଖୁଛୁ ସେଥିପାଇଁ ପ୍ରଥମେ କେହି ଜଣେ ସ୍ୱପ୍ନ ଦେଖିଥିଲା ନିଶ୍ଚୟ । ସ୍ୱପ୍ନ ସାକାର ହେବା ପାଇଁ ସମୟ ଲାଗେ । ମାତ୍ର ଯଦି ହୃଦୟରେ ଉତ୍ସାହ, ନିଷ୍ଠା, ପରିଶ୍ରମର ଇଚ୍ଛା ଥାଏ ତେବେ ଏହା ପୂର୍ଣ୍ଣ ହୋଇଯାଏ । କୁହାଯାଏ ଆମେ ଯାହା ଚିନ୍ତାକରୁ ତାହା ହିଁ ପାଉ । କେହି କେହି ଏକାନ୍ତରେ ବସି ବଡ଼ ବଡ଼ ସ୍ୱପ୍ନ ଦେଖନ୍ତି । ସେ ବିଷୟରେ ଆଲୋଚନା ମଧ୍ୟ କରନ୍ତି, ହେଲେ ତାକୁ ସଫଳ କରିବା ଦିଗରେ କୌଣସି ଚେଷ୍ଟା କରନ୍ତି ନାହିଁ । ଏପରି ସ୍ୱପ୍ନରୁ କିଛି ମିଳେନି, କେବଳ ସମୟ ନଷ୍ଟ ହୁଏ। ସ୍ୱପ୍ନ ସମ୍ପର୍କରେ ଆଲୋଚନା କଲାବେଳେ କିଛି ଜୀବନନାମା ମନେପଡୁଛି। ଗୋଟିଏ ସରଳ ନାରୀର ଅନ୍ତସ୍ୱର ଅନେକ ଶୁଣି ପାରନ୍ତି ନାହିଁ। ବାସ୍ତବ କଥା ହେଉଛି କେବଳ ତଥାକଥିତ ଡିଗ୍ରୀ ହାତକୁ ଆସିଲେ କ'ଣ ନାରୀର ଅସଲ ଜୀବନଟି ବଦଳି ଯାଏ? ଅନେକଙ୍କ ସ୍ୱପ୍ନ, ଜୀବନର ସଂକଳ୍ପ ଇପ୍ସିତ ଭାବନା ସବୁକିଛି ବିବାହ ଓ ତେଲଲୁଣର ଜଞ୍ଜାଳ, କର୍ମ ସଂସ୍ଥାନ ଓ ଦାୟିତ୍ୱ ଭିତରେ ଚାପି ହୋଇଯାଏ। ଏହା ହେଉଛି ଆମ ସମାଜର ସେହି ଶିକ୍ଷିତା ନାରୀଟିର କାହାଣୀ ଯାହା କେବଳ କାହାଣୀ ବା ମନଗଢ଼ା ଗପନୁହେଁ। ଏହା ମାର୍ମିକ ଅନ୍ତଃସ୍ୱର ଓ ଜୀବନର ମାର୍ମିକ ସତ୍ୟ। ପୁସ୍ତକ ପଢ଼ିବା ବେଳେ ଅନେକ ସଫଳତାକୁ ପଢ଼ିଥିଲା ଓ ବୁଝିଥିଲା କିନ୍ତୁ ତାକୁ ଜୀବନ ଶିଖାଇ ଦେଲା ଯେ ଜୀବନ ହେଉଛି ବୁଝାମଣା। ଶିକ୍ଷା ଥାଇ, ପ୍ରତିଭା ଥାଇ ସବୁକିଛି ଥାଇ ବି ସୁଯୋଗ କେବେ ସାଥୀ ହୋଇପାରିଲା ନାହିଁ।

ଜୀବନର ସଫଳତାର ନିର୍ଦ୍ଧାରଣ ସବୁଠାରୁ ପ୍ରଥମେ ମନ ଭିତରେ ହୁଏ। ନିଷ୍ଠା ସହ ପରିଶ୍ରମ ଦ୍ୱାରା ସେହି ଲକ୍ଷ୍ୟ ପୂରଣ ହୁଏ । ତେଣୁ ସ୍ୱପ୍ନ ଦେଖିବା ଜ୍ଞାନଠାରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସଫଳ ମହିଳା ଜଣଙ୍କ ଯେ ସବୁବେଳେ ଖୁବ୍ ବୁଦ୍ଧିମାନ ଏକଥା ନୁହେଁ ସେମାନେ ଆମପରି ସାଧାରଣ ମଣିଷ । ମାତ୍ର ସେମାନଙ୍କ ପାଖରେ ଭିନ୍ନ ଭାବରେ କିଛି ଚିନ୍ତା କରିବାର ଓ ଏହାକୁ କାର୍ଯ୍ୟରେ ପରିଣତ କରିବାର ସାହାସ ଥାଏ । ପ୍ରଥମ ପାଦ ବଢ଼ାଇବାକୁ ମନରେ ସାହସ ଥାଏ, ଦ୍ୱିତୀୟ ପାଦ ପକାଇବାର ଉତ୍ସୁକତା ଥାଏ। ଏହାପରେ ତୃତୀୟ ପାଦ ଚାଲିବାର ନିଷ୍ଠା ଥାଏ । ଯେଉଁଠାରେ ନଦୀ ଆରମ୍ଭ ହୋଇଥାଏ ସେଠାରେ ଏହା ଖୁବ୍ ସରୁ ଓ ଅଗଭୀର। ମାତ୍ର ଏହା ଯେତେ ଯେତେ ଆଗକୁ ବହିଚାଲେ ସେତେ ଚଉଡା ଓ ଗଭୀର ହୋଇଯାଏ । ଆମ ଜୀବନରେ ସବୁଠାରୁ ବଡ଼ କାମର ଆରମ୍ଭ ଠିକ୍ ଏମିତି ହିଁ ହୁଏ । ଯେମିତି ନଦୀ ନିରନ୍ତର ଭାବରେ ଆଗକୁ ବହିବାରେ ଲାଗିଥାଏ, କୌଣସି ମହିଳା ଯଦି ଠିକ୍ ସେମିତି ନିଜ ଜୀବନରେ ନିରନ୍ତର ପ୍ରୟାସ କରି ଆଗକୁ ବଢ଼େ ତା'ହେଲେ ତାକୁ ସଫଳତା ମିଳେ।

ସ୍ୱପ୍ନକୁ ସାକାର କରିବା ସ୍ୱପ୍ନ ଦେଖିବା ପରି ସହଜ ନୁହେଁ । ଏହି ସ୍ୱପ୍ନକୁ ବାରମ୍ବାର ଦେଖିବାକୁ ହୁଏ । ଏଥିସହ ତାକୁ ସତ କରିବା ପାଇଁ ନିରନ୍ତର ଉଦ୍ୟମ ଆବଶ୍ୟକ ହୁଏ । ଏଥିପାଇଁ ସମୟ ଓ ପରିଶ୍ରମ ଦରକାର। ସ୍ୱପ୍ନ ପୂର୍ଣ୍ଣ କରିବାକୁ ସମୟ ଲାଗେ । କିଏ କହେ ଏଥିପାଇଁ ମୋ ପାଖରେ ସମୟ ନାହିଁ, ପଇସା ନାହିଁ, ସହାୟତା କରିବାକୁ କେହି ନାହିଁ, ମାତ୍ର ଏସବୁ ନିରର୍ଥକ । ଆମ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ଆମ ଭାଗ୍ୟ କରେନି । ଆମେ ନିଜେ ହିଁ କରିଥାଏ । ମାତ୍ର ସେହି ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିବାକୁ ପ୍ରଥମେ ଆବଶ୍ୟକ ହୁଏ ସକାରାତ୍ମକ ଚିନ୍ତାଧାରା। ଏଥିପାଇଁ ଦୈନନ୍ଦିନ ଜୀବନରେ ଖୁସି ଆବଶ୍ୟକ । ଚିନ୍ତା ଓ ଅବସାଦର ଜୀବନ ଆମ ସ୍ୱାସ୍ଥ୍ୟ ନଷ୍ଟ କରିଦିଏ ଓ ମନରେ ସନ୍ଦେହ ଆଣେ। ଆମେ ନିଜ ସ୍ୱପ୍ନକୁ ସାକାର କରିବାରେ ଅସଫଳ ହୋଇଯାଏ । ଯେତେବେଳେ ଆମ ନିତିଦିନିଆ ଜୀବନରେ ଖୁସି ଆସେ ସେତେବେଳେ ସ୍ୱପ୍ନ ଓ ଜୀବନ ବିଷୟରେ ଆମର ଦୃଷ୍ଟିକୋଣ ବଦଳିଯାଏ । ମନରେ ଆଶା ସୃଷ୍ଟି ହୁଏ। ପାଦ ଆଗକୁ ବଢ଼ାଇବା ପାଇଁ ଆତ୍ମବିଶ୍ୱାସ ଆସିଯାଏ।

+ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, ଲେନ-୬, ଚହଟା
ନଗର, ବିଡ଼ାନାସୀ, କଟକ-୧୪

# ମହାପ୍ରଭୁଙ୍କ ଚାଚେରୀ ବେଶ ଓ ନୀତି



## କବୀର କୁମାର ଜେନା

ଲୀଳାମୟ ମହାପ୍ରଭୁଙ୍କ ବାରମାସରେ ତେର ପର୍ବ। ଶ୍ରୀମନ୍ଦିରରେ ବିଭିନ୍ନ ନୀତିକାନ୍ତି ଭିତରେ ଅନ୍ୟତମ ପରମ୍ପରାର ଉତ୍ସବ ହେଉଛି ଦୋଳଯାତ୍ରା ବା ବସନ୍ତ ଉତ୍ସବ। ଏହି ଉତ୍ସବର ବଡ଼ କଥା ହେଉଛି ବସନ୍ତ ଋତୁର ଆଗମନ ହୋଇଥାଏ। ଆମେ ସମସ୍ତେ ବସନ୍ତ ଋତୁକୁ ଋତୁ ଶ୍ରେଷ୍ଠ ବା ଋତୁରାଜ ବସନ୍ତ କହିଥାଉ। ଫଗୁଣ ମାସର ଶୁକ୍ଳ ଦଶମୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ରତ୍ନସିଂହାସନରେ ଶ୍ରୀଜୀଉଙ୍କ ଅପୂର୍ବ ଚାଚେରୀ ବେଶ ଅନୁଷ୍ଠିତ ହୋଇଥାଏ। ଚାଚେରୀ ଶବ୍ଦ ସ୍ୱାଭାବିକ ଭାବେ ଏକ କୌତୂହଳ ସୃଷ୍ଟି କରିଥାଏ। ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ ଦ୍ୱିପ୍ରହର ଧୂପ ନୀତି ପରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଫଗୁ ଲାଗି ହୋଇଥାଏ। ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ ଆଜ୍ଞାମାଳ ପ୍ରାପ୍ତ ହେବା ପରେ ସୁସଜ୍ଜିତ ବିମାନରେ ବିଜେ ହୋଇଥାନ୍ତି ଓ ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରିଥାନ୍ତି। ଶ୍ରୀଜୀଉଙ୍କ ବସ୍ତ୍ର ଲାଲ ବର୍ଣ୍ଣର ହୋଇଥାଏ। ମହାପ୍ରଭୁଙ୍କ ନଳୀ ଭୂଜରେ ଶଙ୍ଖଚକ୍ର ଓ ବଳଭଦ୍ରଙ୍କ ନଳୀ ଭୂଜରେ ହଳଷ ମୂଷଳ ଖୋଦିତ ହୋଇଥାଏ।

ଶ୍ରୀଜୀଉଙ୍କ ଚାଚେରୀ ବେଶ ଅପୂର୍ବ ମନୋରମ ଭାବ ପ୍ରକଟିତ କରିଥାଏ। ଶ୍ରୀଜୀଉଙ୍କ ଏହି ଚାଚେରୀ ବେଶ ସମୟରେ ଏହି ଅଳଙ୍କାର ଗୁଡ଼ିକ ହେଉଛି କୁଣ୍ଡଳ, ଚନ୍ଦ୍ରିକା, ତାବିଜମାଳି, ଓଡ଼ିଆଣୀ ଓ ଅଣ୍ଟାରେ ଅଣ୍ଟାପୋଟି ଲାଗି ହୋଇଥାଏ। ନୀତି ଅନୁଯାୟୀ ଚାଚେରୀ ବେଶ ସନ୍ଧ୍ୟା ଧୂପ ପରେ ଓହ୍ଲାଇ ଦିଆଯାଏ। ଚାଚେରୀ ବେଶର ସ୍ୱତନ୍ତ୍ରତା ହେଉଛି ଶ୍ରୀଜୀଉଙ୍କ ଖଇକୋରା ଭୋଗ। ଭୋଗ ଲାଗି ହେବାପରେ ମହାପ୍ରଭୁଙ୍କ ବାଡ଼ରେ ସିନ୍ଦୁର, ଚନ୍ଦନ, ଫଗୁ ଓ ପ୍ରସାଦ ଅର୍ପଣ ପୂର୍ବକ ବନ୍ଦାପନା ହୋଇ କର୍ପୂର ଆଳତି ପ୍ରଦାନ କରାଯାଏ। ପରମ୍ପରାର ନୀତିକାନ୍ତି ଅନୁଯାୟୀ ଚଳନ୍ତି ପ୍ରତିମାଙ୍କର ନିକଟସ୍ଥ ଜଗନ୍ନାଥ ବଲ୍ଲଭ ମଠକୁ ଗମନ ହୋଇଥାଏ। ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଭୋଗ ଓ ନୀତି କାର୍ଯ୍ୟକ୍ରମ ପରେ ଶ୍ରୀମନ୍ଦିରକୁ ଆଗମନ ହୋଇଥାଏ। ଶ୍ରୀମନ୍ଦିରରେ ଥିବା ଦକ୍ଷିଣ ଘରକୁ ଦୋଳଗୋବିନ୍ଦ ବିଜେ ହୋଇଥାନ୍ତି। ଏହି ସମୟରେ ଯେଉଁ ପ୍ରସାଦ ଅର୍ପଣ ହୋଇଥାଏ ସେଗୁଡ଼ିକ ହେଉଛି ଖୁରି, ଆରିସା, ମରିଚ ଲଡୁ ଇତ୍ୟାଦି। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଦୋଳଗୋବିନ୍ଦ ଚାଚେରୀ ଭ୍ରମଣରେ ଯାତ୍ରା କରିଥାନ୍ତି।



ମହାପ୍ରଭୁଙ୍କ ଚାଚେରୀ ନୀତି ଏକ ଅପୂର୍ବ ବେଶ ପରିପାଟୀ ଓ ନୀତିକାନ୍ତି ଭିତରେ ସମ୍ପନ୍ନ ହୋଇଥାଏ। ଋତୁରାଜ ବସନ୍ତଙ୍କ ଆଗମନ ସମୟରେ ମହାପ୍ରଭୁ ଭକ୍ତଙ୍କ ଗହଣରେ ଚାଚେରୀ ନୀତି ମାଧ୍ୟମରେ ଭକ୍ତଗଣଙ୍କ ଭିତରେ ରଙ୍ଗ ଓ ରସର ଅପୂର୍ବ ସମନ୍ୱୟ ସୃଷ୍ଟି କରିଥାନ୍ତି। ଏହି ଚାଚେରୀ ନୀତିରେ ମୁଦିରସ୍ତ ସେବକଙ୍କ ସେବା ଗୁରୁତ୍ୱପୂର୍ଣ୍ଣ। ଶ୍ରୀମନ୍ଦିରରେ ବସନ୍ତ ଉତ୍ସବ ଭାବରେ ପରିଚିତ ଏହି ଚାଚେରୀ ନୀତିରେ ଚାଚେରୀ ଖେଳ ମୁଦିରସ୍ତ ହିଁ ନୀତି ସମ୍ପନ୍ନ କରନ୍ତି। ଶ୍ରୀଜୀଉଙ୍କ ଆଜ୍ଞାମାଳ ପରେ ବିମାନରେ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦଙ୍କୁ ଧରି ଏହି ଖେଳ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ସମସ୍ତ ବାର୍ଷିକ ନୀତିକାନ୍ତି ଓ ନିୟମିତ ପୂଜା ପାର୍ବଣ ସହ ବସନ୍ତ ଋତୁର ଯାହାକୁ ସମସ୍ତେ ଫଗୁଣ ମାସ ଭାବେ ଜାଣନ୍ତି ଏହି ଚାଚେରୀ ନୀତି ଦର୍ଶନ କରିବା ପାଇଁ ଭକ୍ତଜନଙ୍କ ଶ୍ରୀମନ୍ଦିରରେ ଗହଳି ହୋଇଥାଏ। ମହାପ୍ରଭୁଙ୍କୁ ଶ୍ରୀଗୋବିନ୍ଦ ଭାବରେ ବର୍ଷକୁ ଥରେ ଏହି ଅବସରରେ ଦର୍ଶନ ମିଳିଥାଏ।

+ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ: ୯୪୩୭୬୭୪୯୯୦

## କବିତା କୋଣାର୍କ

### କହିଦିଅ ପ୍ରିୟା

**ଜୟନ୍ତ କୁମାର ମଲ୍ଲିକ୍**



ସବୁଦିନ ପ୍ରିୟା ଦେଖୁଛି ତୁମକୁ
ଆମଘର ଦେଇ ଯାଅ
କେମିତି କହିବି ତୁମକୁ ଆଜିମୁଁ
ମୋତେ ତୁମେ ଭଲ ପାଅ ।
ଅନ୍ତରର କଥା ସାଇତି ରଖିଛି
କହି ପାରୁନାହିଁ ଆଜି
ହେଲେ ଏଥିପାଇଁ ମନଟା ମୋହର
ବୁଝିବାକୁ ନୁହଁ ରାଜି ।
ବଗିଚାରେ ଯେତେ ଫୁଟୁଥିଲା ଫୁଲ
ସବୁତ ଗଲାଣି ଝଡ଼ି
ତୁମର ଆଳାପ ମନେ ପକାଇ ମୁଁ
କାନ୍ଦୁଛି ମୁହଁକୁ ମାଡ଼ି ।
ଶେଷଥର ପାଇଁ କହିଦିଅ ଥରେ
ପାରିବକି କଥା ରଖି
ତୁମେ ନକହିଲେ ଲୁହ ଗଡ଼ି ଗଡ଼ି
ଶୁଖିଯିବ ଦୁଇ ଆଖି ।

+ଶୁରଡିହ, ନନ୍ଦିପୁର, ଯାଜପୁର
ମୋ:୯୪୩୭୮୬୫୭୨୭

### ଭାଷା

**ବସନ୍ତ କୁମାର ପ୍ରଧାନ**



ଭାଷା ହିଁ ଭାବର ଅଟଇ ବାହକ
ଈଶ୍ୱରଙ୍କ ଶ୍ରେଷ୍ଠ ଦାନ,
ହୃଦୟ ଆବେଗ ପରିସ୍ଫୁଟ ପାଇଁ
ଶ୍ରେଷ୍ଠ ମାଧ୍ୟମଟି ଜାଣ ।

ଭାଷା ଦ୍ୱାରା ନର ହୋଇଥାଏ ଜ୍ଞାନୀ
ଲଭଇ ଉଚ୍ଚ ଆସନ,
ଭାଷା ପ୍ରକାଶରୁ ଜଣା ପଡ଼ିଥାଏ
ବ୍ୟକ୍ତି ଜ୍ଞାନ ପରିମାଣ ।

ମଧୁର ଭାଷାରେ ପେଟ ପୂରିଯାଏ
ତୃପ୍ତ ହୁଏ ମନ ପ୍ରାଣ,
କର୍କଶ ନିଜ ଭାଷା ପ୍ରୟୋଗରେ
ହୁଏ ହୃଦୟ ଦହନ ।

ମଞ୍ଜୁଳ ଭାଷାରେ ରହିଛି ଅମୃତ
ଆହ୍ଲାଦିତ କରେ ପ୍ରାଣ,
ଭାଷା ଭାବର ଯୁଗଳ ବନ୍ଦୀରେ
ସାହିତ୍ୟ ଲଭେ ସମ୍ମାନ ।

ଭାଷା ପାଇଁ ନର ଅଟେ ଶ୍ରେଷ୍ଠ ଜୀବ
ଭାଷା ସଂଚରଣଶୀଳ,
ଏହାର ଶୁଦ୍ଧ ବ୍ୟବହାର ଦ୍ୱାରା
ମିଳଇ ବହୁ ସୁଫଳ ।

ଭାଷା ବ୍ୟବହାର ନିୟମାବଳୀକୁ
କୁହାଯାଏ ବ୍ୟାକରଣ,
ଏହା ଅଭାବରେ ଭାଷା ସାହିତ୍ୟ
(ଯଥା)ଲବଣ ବିନା ବ୍ୟଞ୍ଜନ ।

ଭାଷାହିଁ ଜାତି ପ୍ରଗତି ଦ୍ୟୋତକ
ଅଟଇ ଶ୍ରେଷ୍ଠ ସମ୍ପଦ,
ଭାଷା ବଞ୍ଚିଲେ ଜାତିଟିଏ ବଞ୍ଚେ
ବଢ଼ାଏ ଯଶ ଗୌରବ ।

+ହରିହରପୁର, ଛେଣ୍ଡିପଦା,
ଅନୁଗୋଳ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୪ ଫେବୃଆରୀ ୨୦୨୬, ମଙ୍ଗଳବାର

# କବିତାମାଳା



## ଜୀବନ ଜ୍ୟୋତି
### ସୁବାସ ଚନ୍ଦ୍ର ସାହାଣୀ

କର, କହେ ନାହିଁ, କପାଳ ନା କିଛି କହେ କି ଭାଇ, ଭାଗ୍ୟ ଭବିଷ୍ୟର କଥା !
ଏକାଗ୍ର କର୍ମ ନିଷ୍ଠା ସାଧନାରେ, ଭାଗ୍ୟଫଳଟା ବାସ୍ତବରେ ହୋଇଥାଏ ଯୋଖା।
ମିଛ ନୁହେଁ, ମିଛ ନୁହେଁ। ଗାଲୁଆ, କର୍ମଭୀରୁ ସଦା, କପାଳର ହିଁ କଥା କହେ..କହେ,
କାଳଟା ଛାଡେନା, କାଳ ଠକା ମନା ମଣିଷକୁ ଜମା, ଦୁଃଖ, ଦୁର୍ଦ୍ଦଶା ଯା' ଶୋହେ।

ସମୟର ଚକ୍ରଘୁରେ, ନିୟତ ଏଠି ଅହରହ, ଘୁରିବା ଯେହେତୁ ତା'ର ନିତ୍ୟ କର୍ମ,
ଜଗତସାରାକୁ ଜଣାଏ ଅସଲି ଧର୍ମର ମର୍ମ, କର୍ମ ହିଁ ଜୀବନବାଦର ରମ୍ୟ ସାରମର୍ମ।
ଜଙ୍ଗଲ ଜନ୍ତୁ -ଜାନୁଆର ବି ଜୀବନ ଜିଇଁ ଜାଣେ,କର ନା କପାଳକୁ ସେ ଦେଖେ!
ଇତର ପ୍ରାଣୀ ଠାରୁ ଶିଖିବାକୁ ଅଛି ବହୁ, ଏମାନେ କେମିତି ଜିଁ'ବା କଳାକୁ ଶିଖେ ?

ଆମେ ଯା' ଦେଖୁଁ, ଆମ ଭିତରେ ଅସରନ୍ତି ସମ୍ମୋହନ, ସମୃଦ୍ଧି ସୋପାନ ରୂପ ରେଖା,
ତାହାରି ଭିତରେ, ତଳେଇ କରିରେ ଦେଖ, ତରଳ ଶ୍ରଦ୍ଧା, ଶ୍ରମଶ୍ରାନ୍ତ ଶକ୍ତି ଉଠା ଶିଖା -
କେମିତି ଝଟକେ, କୋଟିକମ କର୍ମର ମହାନତା ? କାହାଣୀ ନୁହେଁ ଏ ଅତିବାସ୍ତବ କଥା,
ଯା'ମଣିଷକୁ କରେ ମଣିଷ ଭିତରେ କୋଟିଏ ଜ୍ୟୋତିର ହୀରା, ମୋତି ମାଣିକ ଯଥା।

ମଣିଷଟା ଯା' ଆଜି ଲଭିଛି, ମହା ବିଶ୍ୱଭୂମେ, ପାଇଛି ଶ୍ରେଷ୍ଠାସନ ସେ ସବୁ ତା' ସାଧକର୍ମ ,
ଲଙ୍ଘିଛି ବିଶାଳ ସମୁଦ୍ର ବକ୍ଷ, ଅନନ୍ତ ମାର୍ଗେ ଥାପିଛି ଯେ' ଯଶ କୀର୍ତ୍ତି କର୍ମ କଳା ଶ୍ରେୟଃତମ ।
ପୁରାଣ, ଶାସ୍ତ୍ର ବି ଲେଖିଛି, ଲଢ଼ି ଜିଁ'ବାର କଳା, କହିଛି କର୍ମ ହିଁ ଜୀବନର ମାର୍ମୀକ ମହାଧର୍ମ,
କର୍ମଠ ମଣିଷ, ଜାଣିଛି ଦରଦ, ଦେହ ଦାହର ବ୍ୟଥା, କୃଷ୍ଣଭାବ ସାଧନା ଶାଶ୍ୱତ ମୂଲ୍ୟବୋଧ ।

ସ୍ୱପ୍ନର ଯେତେ, ସମ୍ଭାବ୍ୟ ଆଶା, କଳ୍ପନାର ଚାରୁ ଚଉରାଶି, ଚମକ ଚାଁ'ର ରୂପ ଝଲମଲ ଛାଁ'
ତା'ରି ଭିତରେ, ଏକାଗ୍ର ସାଧନା, କର୍ମନିଷ୍ଠା ଶ୍ରମ ଝାଳ, ତୁହାଇ ତୁହାଇ କୋଳାଏ ଲକ୍ଷ ସ୍ଥଳ।
କର୍ମ ହିଁ ଗଢେ ଗଡ ଗୌରବ,ଭବ୍ୟ ବୁନିଆଦି ପ୍ରାଣ ପ୍ରତିଷ୍ଠା, ପ୍ରମେୟ ପ୍ରୀତି ପୁଲକର ଗାଥାଁ,
ଯେତେ ଉଲ୍ଲାସ, ଯେତେ ସୁଖଚ୍ଛ୍ୱାସ, ସମୃଦ୍ଧି ସୋପାନ ସଫଳ କାମନା, ସବୁ ତ କର୍ମର ଫଳ।

ସିଂହ ମୁଖେ କେବେ ଶିକାର ଆସେନା, କାର୍ମିକ କୌଶଳ ଶିଖାଏ ତାକୁ କ୍ଷୁଧା ନିବାରଣ ରଣ,
ଫୁଲରୁ ପୀୟୂଷ ଶୋଷିବା ପ୍ରଯତ୍ନ ଅଭ୍ୟାସ, ମହୁମାଛି କର୍ମତତ୍ପର ଦେଖାଏ କର୍ମ ପ୍ରବଣ ଧାରା।
'କର୍ମଣ୍ୟେବାଧିକାରାସ୍ତେ ମା ଫଳେଶୁ କଦାଚନ'ଶୁଣାଇଛି ଗୀତା ଜୀବନ ସମ୍ମୋହନ ମହାଗାନ,
କର୍ମଠ ମଣିଷ, କର୍ତ୍ତବ୍ୟରେ ଦିଏ ଧ୍ୟାନ, କର୍ମ ହିଁ ଧରାଏ ଧରଣୀ ବକ୍ଷେ ଫଳ ରୂପାୟନ କୃତିମାଳା।

+ ଶ୍ରୀହରି ଆଳୟ ବାଂମୟ ନିଳୟ ସାହିତ୍ୟ ଚିରକାଳ
ବୋଇତାଲୁ ପାଟଣା, ମୋହନପୁର, ବିଞ୍ଝାରପୁର -୭୫୫୦୦୪
ଜିଲ୍ଲା-ଯାଜପୁର
ମୋ: ୭୩୮୪୨୫୧୧୪୬

## ରଙ୍ଗ
### ନମିତା ପାଇକରାୟ



ଭିନ୍ନ ଭିନ୍ନ ରଙ୍ଗ ମାଖି
କିଏ କଣ ରହିଲାଣି ସ୍ଥିର
ବୟସ ପା ଝରାପତ୍ର ବନ୍ଧୁଟିଏ
ସକ୍ରିୟ ସମୟ ସ୍ରୋତର
ତଥାପି ଭାରି ପ୍ରିୟ ରଙ୍ଗ ମଣିଷର
ଭିନ୍ନ ଭିନ୍ନ ରଙ୍ଗର ଶୃଙ୍ଗାର
ଭାରି ଲୋଭନୀୟ ଏଇ ରଙ୍ଗ ଭରା ସଂସାର
ଯାହାପାଇଁ ଚାଲି ଥାଏ ଭିନ୍ନ ଭିନ୍ନ ଦରବାର
ଭୋର୍‌ରୁ ବିଭୋର ହୋଇ ଆସନ୍ତି
ରଙ୍ଗମୟ ଦିବ୍ୟ ଦିବାକର
ବଦଳି ଯାଏ ରଙ୍ଗ ଶୂନ୍ୟ ଆକାଶର
ପଟ ପରିବର୍ତ୍ତନ ହୁଏ ଏଇ ପୃଥିବୀର
ସୂର୍ଯ୍ୟ ତ ସବୁ ରଙ୍ଗର ଆଧାର
ଏ କୁହୁକ ରଙ୍ଗର ଆଧାର ତ ସ୍ୱଂୟ ଇଶ୍ୱର
କୃଷ୍ଣ କଳା ମୁଖରେ ରକ୍ତିମ ଅଧର
ରଙ୍ଗର ମହତ୍ତ୍ୱ ଥାଏ ସବୁ ଜିନିଷର
ରଙ୍ଗ ମହକିତ କରେ ହୃଦୟ ଭିତର
ସଂସାରକୁ ବୁଝାଇ ଦିଅନ୍ତି ରଂଗାଧର ।

+ନିଳାଦ୍ରି ବିହାର, ଭୁବନେଶ୍ୱର

## ତୁମେ ହିଁ ତୁମେ
### ବେଣୁଧର ସୂତାର

କେବେ ତୁମେ ଶାନ୍ତ
କେବେ ସୌମ୍ୟକାନ୍ତ
ଅବା ବୈଶାଖୀର ତାତି
ଶ୍ରାବଣୀ ଧାରାର ରିମ୍ ଝିମ୍ ସୁରେ
ଭୂମି ଓ ଭୂମାର ପ୍ରୀତି
ଚୋରା ଚଇତିର ଚାରୁ ମହକରେ
ଫୁଲ ଫଗୁଣର ଗୀତି ।।

ତୁମେ ଶାରଦୀୟ
ରୁପା ଜୋଛନାରେ
କାଶ କୁହୁକର ଭାଷା
ହିମ ଶିଶିରର ମୁକୁତା ମୋତିରେ
ମଗୁଶିର ମାଣବସା
ପଉଷ ଖଳାର ଐଶ୍ୱର୍ଯ୍ୟ ମାଳାର
ସ୍ୱର୍ଣ୍ଣମୟ ଦିବ୍ୟ ଦ୍ୟୁତି
ଫୁଲ ଫଗୁଣର ଗୀତି ।।

ତୁମେ ପ୍ରଭାତର ପ୍ରାଚୀଲଲାଟରେ
ମାଦକିତ ମୃଦୁ ହାସ
ଭିଜା ଅସ୍ତରାଗ ସୁବର୍ଣ୍ଣ ଢେଉର
ଉପମା ଲଳିତ ଲାସ୍ୟ
ଚାରୁ ଜୋଛନାର ଭରା ଅନୁରାଗ
ଝରା ଶେଫାଳିର ସ୍ମୃତି
ଫୁଲ ଫଗୁଣର ଗୀତି ।।

ତୁମେତ ଗଢିଛ ଏଇ ଧରାବୁକେ
ଐଶ୍ୱର୍ଯ୍ୟର ନିକେତନ
ରେଣୁରେ ରେଣୁରେ ଭରିଦେଇଅଛ
ଜୀବନର ଉପାଦାନ
ତୁମେ ପ୍ରକୃତିର ପ୍ରୀତି ପ୍ରଶାନ୍ତିର
ପ୍ରାଣମୟ ଅନୁଭୂତି
ଫୁଲ ଫଗୁଣର ଗୀତି ।।

ତୁମେ ତ ଭରିଛ ପ୍ରାଣର ପୁଲକ
ଏଦେହର ପ୍ରତି ଲୋମେ
ଜୀବନ ଯଜ୍ଞର ପ୍ରତିଟି ବିନ୍ଦୁରେ
କେବଳ ତୁମେ ହିଁ ତୁମେ
ତୁମେ ଅନ୍ତଃସ୍ୱର ନିଖିଳ ପ୍ରାଣର
ଅଖଣ୍ଡ ଭାବର ଜ୍ୟୋତି
ଫୁଲ ଫଗୁଣର ଗୀତି ।।

+କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬

## ଦୋଷତ୍ରୁଟି
### ଗଜାନନ ମିଶ୍ର

ସଂଶୋଧିତ ହେଉଥାଏ
ଦୋଷତ୍ରୁଟି ଇତିହାସରୁ,
ବଦଳସମୟରେ ଆସ୍ଥା
ଆଉ ବିଶ୍ୱାସରେ।

ଭୂତ ନାଚୁଥାଏ କଳୁଷିତ
ବିଚାରାଳୟରେ, ଆଉ ଆଉ
ପୁଷ୍ଟ ହେଉଥାଏ ଶରୀର
ରହିବା ନ ଥାଇ ନିଶ୍ଚିତ।

ଜ୍ୟୋତି ଖେଳୁଥାଏ ଭିତରେ
ନିଜ ସାଧମତେ ଆଉ ଆଉ
ସ୍ୱାଦିଷ୍ଟ ଭୋଜନରେ ଭୋଜନରେ
ଆପ୍ୟାୟିତ କରାହେଉଥାଏ
ଅତିଥିଙ୍କୁ ବଡ ସରାଗରେ।

ସମୟ ଆସୁଥାଏ ପକ୍କା
ଖେଳୁଆଡ ଭଳି ସୀମା ଡେଇଁ
କୁତୁକୁତୁ ଲାଗିଲାବେଳେ ଘରେ।

+ତପୋବନ, ଟିଟିଲାଗଡ, ବଲାଙ୍ଗିର
ମୋ: ୯୪୩୭୩୬୬୬୪୪

## ବସନ୍ତ ଆଗମନେ
### ଜଗନ୍ନାଥ ନାୟକ

ବସନ୍ତ ଆସିଲେ ମଳୟ ବହେ
ଶୀତ ଚାଲିଯାଏ ଖରା ନରହେ ।
ମଳୟ ବାଜିଲେ ଚନ୍ଦନ ବାସେ
ଚଉଦିଗ ଖାଲି ଫୁଲରେ ହସେ ।
କୃଷ୍ଣଚୂଡ଼ା ମଲ୍ଲୀ ମଧୁମାଳତୀ
ପଳାସ ଶିମିଳି ସୁନ୍ଦରଅତି ।
ଚମ୍ପାଫୁଲ ଆଉ ଆମ୍ବ ବଉଳ
ଚଉଦିଗ ଖାଲି ବାସ ପ୍ରବଳ ।
କୁହୁ କୁହୁ ସୁରେ କୋଇଲି ଗାଏ
ଶାନ୍ତି ବିରାଜଇ ଆନନ୍ଦ ପାଏ ।
ବାସନ୍ତୀ ଦୁର୍ଗାଙ୍କୁ ମଧୁ ଗଣେଶ
ପୂଜା କରି ହୁଏ ମନ ହରଷ ।
ଶ୍ରୀରାମ ନବମୀ ଶୀତଳାଷ୍ଟମୀ
ମହା ଶିବରାତ୍ରି ଶିରୀପଞ୍ଚମୀ ।
ଦୋଳି ଖେଳୁଥାନ୍ତି ରାଧାଗୋବିନ୍ଦ
ଦେଖି ହୁଏ ମନ ମହାଆନନ୍ଦ ।
ରଙ୍ଗ ବେରଙ୍ଗର ହୋଲିଅବିର
ଖେଳରେ ନ ଥାଏ ଆପଣାପର ।
ଫଗୁଣ ଚଇତ ମାସରେ ସାର
ଋତୁରାଜ ବୋଲି ନାମଟି ତାର ।

+ସରିଫ୍‌ପୁର, ଭଦ୍ରକ
ମୋ :୯୯୩୭୯୨୨୬୨୫

## ମନ
### ସୁହଂସ ଭୋଇ



ନିତି ନୂଆ ନୂଆ ହୃଦୟକୁ ଛୁଆଁ
ସ୍ୱପ୍ନ ଗଢେ ଏଇ ମନ
କିଛି ଭାଙ୍ଗେ କିଛି ଅଧା ଗଢାହୋଇ
ରହିଯାଏ ଚିର ଦିନ

ନୀଳ ଅକାଶରେ ଉଡିବାକୁ ବଳ
ସମର୍ଥ ରହିଛି ତାର
ଅତି ସହଜରେ ତୋଳିଦେଇ ପାରେ
ଜହ୍ନ ରାଇଜରେ ଘର
ତାପାଇଁ ତ ଖୋଲା ମୁକୁଳା ରହିଛି
ପାରିଜାତ ଫୁଲ ବନ

ସାଗର ଗର୍ଭରୁ ଶାମୁକା ସାଉଁଟି
ମୋତି ମୁକୁତା ସେ ଆଣେ
ଏଇଠି ସେଇଠି ଘଡିକେ ସବୁଠି
ଘୂରିବୁଲେ ଏଣେତେଣେ
ପବନର ଗତିଠାରୁ ତାର ଗତି
ସତରେ ଅନେକ ଗୁଣ

ମନର ବି ଅଛି ଅକୁହା କାହାଣୀ
ଦୁଃଖ ଦରଦର ଭାବ
ହେଉ ପଛେ ମିଛ ଖୋଜେ ଅମୂଳକ
ଟିକେ ସୁଖ ଅନୁଭବ
କେବେ ଧୀର ପୁଣି କାତର ସ୍ୱଭାବ
ବଦଳେ ସେ ପ୍ରତିକ୍ଷଣ

+ପହଣ୍ଡି, ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫

## ତୁମ ଦାନ
### ସ୍ମିତା. ଜି. ମହାପାତ୍ର



ଅସୀମ ଆକାଶ ଗଭୀର ସାଗର
ସବୁତ ତୁମର ଦାନ..
କାହିଁକି ତଥାପି ମଉନେ ବସିଛ
ତିଳେ ନାହିଁ ଅଭିମାନ..

ସକଳ ଶକ୍ତିର ଆଧାର ସୁରୁଜ
ପ୍ରତି ପ୍ରଭାତରେ ଆସି..
ତୁମରି ଆଦେଶେ ଦୀପର ସଦୃଶ
ଆଲୋକ ଦିଏ ବରଷି..
ଆଖି ପାଏନା ମୋ ଗିରିବନ ଦେଖି
ଗଢିଛ ଯତନେ ତୁମେ
ଝରଣା ଦିହରେ ରାଗିଣୀ ଭରିକି
ଶୁଣାଅ ତା ଗୀତି ମନେ..

ରଙ୍ଗରେ ରଙ୍ଗରେ ରଙ୍ଗେଇ ଦେଇଛ
ପ୍ରତି କୁସୁମର ଦେହ..
ଫଳରେ ଦେଇଛ ଏତେ ମଧୁରତା
କିଏ ବା ଜାଣେନା କୁହ..
କୀଟ ପତଙ୍ଗଠୁ ବିଶାଳ ଜୀବର
ସୃଷ୍ଟିରେ ତୁମରି ହାତ..
ମାନବ ଜାତିକୁ ବୁଦ୍ଧି ଦେଇ ତମେ
ରଖିଛ ତୁମ ମହତ୍ତ୍ୱ..

+ବାରିପଦା

## ନିଜକୁ ଖୋଜିକି ପାଏନା
### ନିରଞ୍ଜନ ସାହୁ



ନିଜ ଜୀବନର ଭିଡ଼ ଭିତରେ ମୁଁ
ନିଜକୁ ଖୋଜିକି ପାଏନା
ନିଜ ଉପସ୍ଥିତି ଜାଣିପାରେନା ମୁଁ
ଥାଇକି ବି ସତେ ଥାଏନା ।

ସମୟ ଏମିତି ନଚାଉ ଥାଏ ଯେ
ନାଚିବାକୁ ବାଧ ହୁଅଇ
ଯାହା ଦରକାର ଯେମିତି ଚାହାଁଇ
ବାଧ ହୋଇ ଆଣି ଥୁଅଇ
ନିଜ ଇଛାରେ ମୁଁ ଶୁଏନା, ପିଏନା
ନିଜ ଇଛାରେ ବି ନାଏନା ।

ନିଜର ଅସ୍ତିତ୍ୱ ଜାହିର କରିବା
ଇଛା ଆପେଆପେ ମରଇ
ଅନ୍ୟର ଇଛାକୁ ପୂରଣ କରିବା
ବାଟକୁ ତ ମୁହିଁ ଧରଇ
ଯାହା ମିଳିଥାଏ ଗଣ୍ଡେ ଖାଇଦିଏ
ନିଜ ଇଛାରେ ବି ଖାଏନା ।

ପରିସ୍ଥିତି ଆଉ ପରିସ୍ଥିତି ମୋତେ
ନିତି ଚାପଗ୍ରସ୍ତ କରଇ
ବେଳେବେଳେ ଭାବେ କାହିଁକି ବଞ୍ଚିଛି
ନିରବରେ ଲୁହ ଝରଇ
ଜୀବନ ସଙ୍ଗୀତ କରୁଣ ରାଗିଣୀ
ଇଛା ଥାଇ ମଧ ଗାଏନା ।

ଭାବୁଛି ଯାହା ମୁଁ କହିପାରେନାହିଁ
ତୁଣ୍ଡରେ କୋଲପ ପଡିଛି
ସୁଅ ମୁହଁରେ ମୁଁ ପତର ସାଜିଛି
ସୁଅ ମୋତେ ସଦା ତଡିଛି
ନିଜ ଇଛାରେ ବି କୁଆଡ଼େ ଟିକିଏ
କେତେବେଳେ ମୁହିଁ ଯାଏନା ।

+ ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ :୯୯୩୮୭୪୧୫୮୩

## ଭୋକରେ ଦିନଟିଏ
### ଭକ୍ତ ଚରଣ ସୁନାନୀ



ଦିନେ ହାଣ୍ଡିରେ ଡବକୁଥିଲା ପାଣି
ଚୁଲିରେ ଲହଲହ କରୁଥିଲା ନିଆଁ
ସଞ୍ଜରେ କାମରୁ ଫେରି
ଭଙ୍ଗା ମାଟି କୁଡିଆରେ
ଖୁଦ ମଲଖୁ ଖୋଜୁଥିଲା ମାଁ ।

ମୁଁ ଦେଖୁଥିଲି ଭାତ ହାଣ୍ଡିକୁ
ମାଟି ଚୁଲିକୁ
ଜଳୁଥିବା କାଠକୁ
ଅସଜଡା ହୋଇ ପଡିଥିବା
ଥାଳି ଗିନାକୁ ।

ମୋ ସାନ ଭାଇ କଙ୍କି ଧରି
ଖେଳୁଥିଲା ଦୁଆରେ
ମୋ ଭଉଣୀ ଥାଳି ଧରି
ମାଗୁଥିଲା ଭାତ
କାନ୍ଦୁଥିଲା କବାଟ କୋଣରେ ବସି
ଭୋକରେ ଛଟପଟ ହେଉଥିଲା ପେଟ ।

ଖୁଦ ମଲଖୁ ଖୋଜୁ ଖୋଜୁ
ଛାଇଗଲା ଅନ୍ଧାର
ଲୁହରେ ଭିଜିଗଲା
ମୋ ମାଁର ଆଖି
ଦୁଃଖରେ ନିରବୀଗଲା ତା ଓଠ
ସେମିତି ହାଣ୍ଡିରେ ଡବକୁଥିଲା ପାଣି
ଚୁଲିରେ ଜଳୁଥିଲା କାଠ ।

+ ଖୁଣ୍ଟିଆ, ପର୍ଲା, କଳାହାଣ୍ଡି
ମୋ: ୯୩୩୭୬୭୪୬୭୧

## ତୁମେ ଆଉ ମୁଁ
### ବର୍ଷାରାଣୀ ମହାମଲ୍ଲିକ



ତମେ ଆଶ୍ରୟ ଛାଇଁ
ମୁଁ ଯେ ଅଟେ ବାଟୋଇ
ତୁମେ ଜନ୍‌ହ ଜୋଛନା,
ମୁଁ ସେ ଆଲୁଅରେ ଦେଖେ ଆଇନା ।

ତମେ କଲମ ଅଟ
ମୁଁ ସାଧା କାଗଜ ମାତ୍ର
ତମେ ଢେଉ ସମୁଦ୍ରର
ମୁଁ ଯେ ରେଣୁ ମାତର ।

ତୁମେ ନୀଳସାଗର
ମୁଁ ତଟିନୀ ତୁମର
ତୁମ କଥା ମଧୁର
ମୁଁ ଯେ ତୁମରି ସ୍ୱର ।

ତୁମେ ଆଲୁଅ ଅନ୍ଧାରେ
ମୁଁ ଅନ୍ଧୁଣୀ ପ୍ରେମରେ
ତୁମେ ଅଟ ମୋ ସ୍ୱପ୍ନ
ମୁଁ ତୁମରି ଜୀବନ ।

ତୁମେ ବସନ୍ତ ର ଆଗମନ
ମୁଁ କୋଇଲି କୁହୁ ତାନ
ତୁମେ ବିଶାଳ ସିନ୍ଧୁ
ମୁଁ ସେ ସିନ୍ଧୁ ର ବିନ୍ଦୁ ।

ତୁମେ ଖୋଜ ସୁବାସ
ମୁଁ ତ ତୁମରି ପୁଷ୍ପ।
ତମେ ଆକାଶ ପରା
ମୁଁ ଯେ ତାରା ପସରା ।

ତୁମ ଠାରେ ଥିଲେ ଲୟ
ମତେ ଲାଗେ ଅମୃତମୟ
ତମେ ଦୁଃଖରେ ମୋର
ମୁଁ ଦୁଃଖରେ ତୁମର
ତମେ ଯେଉଁଠି ରହ
ମୁଁ ଏକା ଯେ ତୁମର।

+ ଜିଲ୍ଲା :ବରଗଡ଼
(ମୋ): ୮୨୬୦୬୫୯୩୩୨

## ଆଲୋ ନିରିମାଖୀ
### ଦିବାକର ନାୟକ



ଆଲୋ ନିରିମାଖୀ..
ଯାଆ କଳା କଳେବର କାଳିଆ ଦେଖି
ପତିତପାବନ ଉଢ଼େଇ ବସିଛି
ତାରିବା ପାଇଁ କି ତୋ ପରି ଦୁଃଖୀ (୦)

ପଡ଼ିଥିଲା ପରା ଅହଲ୍ୟା ସୁନ୍ଦରୀ
ବାଟରେ ପଥର ହୋଇ
ଶ୍ରୀରାମ ରୂପରେ ଉଦ୍ଧାରି ଥିଲେ ଲୋ
ପାଦର ପରଶ ଦେଇ

ଅଇଁଠା କୋଳିକୁ ଖାଇଥିଲେ ପୁଣି
ଦେବାରୁ ଶବରୀ ଭାବକୁ ମାଖି..
ଆଲୋ ନିରିମାଖୀ (୧)

ଦୀନ ହୀନ ଜନ ତାରିବା ପାଇଁ ସେ
ଧରେ କେବେ କେଉଁ ରୂପ
ଅଟଳ ବିଶ୍ୱାସ ସରଳ ଭକତି
ତା ପାଇଁ ଲୋ ପୂଜା ଧୂପ

ଆଉ କଇଁ କଇଁ ଏଠି କାନ୍ଦ ନାହିଁ
ଯାଆ ନୀଳାଚଳ ହୋଇବୁ ସୁଖୀ..
ଆଲୋ ନିରିମାଖୀ..(୨)

+ ପାଟପୁର, କନିସି, ଗଞ୍ଜାମ
ମୋ-୯୯୩୮୬୧୯୯୮୧

## ଚାଲି ଯିବାର ଦୁଃଖ କାହାକୁ ନକୁହ
### ରବି କୁମାର ମହାନ୍ତି



ଧାଉଁ ଛନ୍ତି ତ ସବୁ
କିଏ ଆଗକୁ କିଏ ପଛକୁ
ଚାରିପଟେ ର ପୃଥିବୀ, କେଉଁଠି ବସିଛି
ଶେଷ ଠିକଣାର ବାଡ଼
କିଏ ଦେଖିଛି ?
ଫେରିଥିଲେ ତ ସେଠଉଁ କିଏ କହନ୍ତା
ନିଶାର୍ଦ୍ଧରେ କିଏ ଉଚ୍ଚାଟ କରେ
ଧାଇଁ ବାକୁ
ତା କୋମଳ ଗାନ୍ଧାର ବେଣୁ
ଅନାହତ ସ୍ୱର ମୂର୍ଚ୍ଛନା ରେ
ବାର ବାର ନଈ ସେପାରି
କାଶତଣ୍ଡି ର ଗାଁ
କାହିଁ ପାଇଁ ତନୁ ମନ
ଧାଇଁ ଯିବାକୁ
ଖରାର ଶାବକ ପରି
ଅଜାଣତେ ବଶୀଭୂତ କରେ ?

କିଏ ବା ଫେରିଛି କୁହ ଯାତ୍ରାର
ଶେଷ ଜବନୀକା
ରାତି ଶେଷେ ଅନ୍ତିମ ଦୃଶ୍ୟ
ଅଭିନୀତ ହେଲାପରେ
ପରଦା ସେପାଖୁ
ନିର୍ଦ୍ଦେଶକର ଆଖି ଇଶାରାରେ
ନିଦ ଟଳମଳ ହୋଇ
କାହାଣୀର
ଖିଅ କିଏ ଯୋଡ଼େ ?
ଧାଇଁ ବାର ମୋହ ଛାଡି
ଅବେଳରେ କିଏ ଫେରିଛି କୁହ
ଯେବେ
ଦଲକାଏ ପବନରେ ବି
ନୂଆ କଅଁଳିଥିବା ପତ୍ର ମାନ
ମାଟି ପରେ ଝଡେ ?

ରକ୍ତ ଧାଏଁ ଧମନୀ ରେ
ଇହ ଲୋକରୁ ପର ଲୋକ ଯାଏ
ନଦୀ ଦଉଡୁଥାଏ ଝାଟି ମାଟି କାନ୍ତାର ଡେଇଁ
ଛାତିର ଛାଇ ଛବିଳ ଉପତ୍ୟକାରୁ
ସମୁଦ୍ର ର ଅନ୍ତାକ୍ଷରୀ
ଦିଗନ୍ତର ବୁକୁ ଛୁଇଁବା ଯାଏଁ

ନିଜ ବସାରେ ଏକୁଟିଆ ବସିଥିବା ପକ୍ଷୀର
ଆଖିରେ ଧାଉଁ ଥାଏ ଉଲ୍ଲାସ
ସାନ ସାନ ଡିମ୍ବଟି ମାନ ଭିତରୁ
କଅଁଳ କଳରବ
ପକ୍ଷୀର ନିଡରେ ଛୁଟାଏ
ଖୁସିର ବତାସ
ଗଛର ସବା ଉପର ଡାଳ ଡେଇଁ
ଧାଇଁ ଯାଉଥାଏ ଅସୁମାରୀ ସ୍ୱପ୍ନ ର ମୂର୍ଚ୍ଛନା
ସୀମା ହୀନ ଆକାଶକୁ
ପକ୍ଷୀର ମଲା ଦେହ ଖସି
ପଡିଥାଏ ତଳେ
ମୃଗୟା ନିମନ୍ତେ ଯାଇଥିବା ତା ସ୍ୱପ୍ନ ସବୁ
ସକାଳେ ଫେରିବା ବେଳକୁ

ଫେରିବାର ବିଫଳ ଗୀତିକା
ଲେଖିନି କେହି
ସମୟ କାନ୍ଥରେ
ଲେଉଟାଣି ପାଦ ଚିହ୍ନ ପଡିନି କେବେ
ଯିବାର ବାଟରେ
ତେଣୁ ହେ ବନ୍ଧୁ ଟିକେ
ସ୍ୱାଭିମାନୀ ହୁଅ
ଅବେଳରେ ବାଟ ଭାଂଗି ଚାଲି ଯିବାର ଦୁଃଖ
କେବେ କାହାକୁ ନକୁହ।

+ ମାତୃନୀଡ
କମାରିଆ, ଭଦ୍ରକ
ମୋ : ୭୦୬୪୭୭୮୨୪୭

# ବାରାଣସୀରେ ଓଡ଼ିଆ ଝିଅ ପ୍ରିୟଙ୍କାଙ୍କ ସଫଳତା




ବାରାଣସୀ, ୨୩/୨ (ନି.ପ୍ର): ବାରାଣସୀର ବନାରସ ହିନ୍ଦୁ ୟୁନିଭର୍ସିଟିରେ ଗତ ୧୯/୦୨/୨୦୨୬ରୁ ୨୨/୦୨/୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ୩୬ତମ ଓଝଝଜର ୨୦୨୬। ଏହି ସମ୍ମିଳନୀରେ ପଦ୍ମଭୂଷଣ ଗୁରୁସରନ ପ୍ରସାଦ ତଲୱାର୍ ସହିତ ବହୁ ବରିଷ୍ଠ ବୈଜ୍ଞାନିକ ଏବଂ ପ୍ରଫେସର୍ ଯୋଗ ଦେଇଥିଲେ। ଓଡ଼ିଆ ଝିଅ ପ୍ରିୟଙ୍କା ପ୍ରିୟଦର୍ଶିନୀ ପାତ୍ର ଏହି ସମ୍ମିଳନୀରେ ଅଂଶଗ୍ରହଣ କରି ଡକ୍ଟର ମୃଦୁଲା କମ୍ଭୋଜ ଯୁବ ବୈଜ୍ଞାନିକ ସମ୍ମାନରେ ସମ୍ମାନିତ ହୋଇ ଓଡିଶା ଓ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ସମ୍ମାନ ରେ ତାଂକୁ ସ୍ୱର୍ଣ୍ଣପଦକ, ମାନପତ୍ର ଏବଂ ଚେକ୍ ସହ ସମ୍ମାନିତ କରାଯାଇଛି। ଏହି ସମ୍ମାନପାଇଁ ସେ ପ୍ରୋ N.K. Lohiya ଏବଂ ISSRFକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ହାଇଦରାବାଦ ବିଶ୍ୱ ବିଦ୍ୟାଳୟରୁ ଫେବୃଆରୀ ମାସ୧୨ ତରୀଖ ୨୦୨୬ରେ ନିଜ ଚଷଡ ଡିଗ୍ରୀ ପାଇଁ ଡିଫେଣ୍ଡ କରି ଡକ୍ଟରେଟ ହାସଲ କରିଛନ୍ତି। ସେ ହାଇଦରାବାଦ ବିଶବବିଦ୍ୟାଳୟର ପ୍ରଫେସର ସୁରେଶ ୟେନୁଗୁ ଙ୍କ ତତ୍ୱାବଧାନରେ ଚଷଡ ଥେସିସ ଡିଗ୍ରୀ ହାସଲ କରିଛନ୍ତି। ସେ ନିଜ PhD ସମୟରେ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପତ୍ରିକା ରେ ନିଜ ଗବେଷଣା ପ୍ରକାଶ କରିଛନ୍ତି। ଜୱାହାରଲାଲ ନେହରୁ ୟୁନିଭର୍ସିଟି, ନ୍ୟୁ ଦିଲ୍ଲୀର ପ୍ରଫେସର ରାକେଶ ତ୍ୟାଗୀଙ୍କ ଦ୍ୱାରା ତାଙ୍କୁ ଡକ୍ଟରେଟ ଉପାଧି ରେ ସମ୍ମାନିତ କରାଯାଇଛି। ୨୫ବର୍ଷ ବୟସରେ ଯୁବ ବୈଜ୍ଞାନିକ ସମ୍ମାନ ପାଇଁ ମନୋନୀତ ହୋଇ ମାତ୍ର ୨୮ବର୍ଷ ବୟସରେ ଜୀବ ବିଜ୍ଞାନରେ ଗବେଷଣା କରି ଯୁବ ବୈଜ୍ଞାନିକ ଭାବେ ସମ୍ମାନିତ ହେବା ବହୁ ଛାତ୍ରଙ୍କୁ ପ୍ରେରଣା ଦେବ। ସେ ଏହି ସଫଳତାର ଶ୍ରେୟ ତାଙ୍କ ପିତା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ପାତ୍ର, ମାତା ଶ୍ରୀମତୀ ହାପିନା କୁମାରୀ ଜେନା, ଭାଇ, ଭାଉଜ, ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ପରିବାର ବର୍ଗଙ୍କୁ ଦେଇଛନ୍ତି। ସେ ନିଜର ସହକର୍ମୀ ଏବଂ ବନ୍ଧୁ ସମିରନ୍ ବେହେରା ଓ ତାଙ୍କ ପରିବାର ବର୍ଗଙ୍କୁ ମଧ ଧନ୍ୟବାଦ୍ ଜ୍ଞାପନ କରିଛନ୍ତି। ସେ ଶେଷରେ ପ୍ରଭୁ ଜଗନ୍ନାଥଙ୍କୁ ଏବଂ ମା ମଙ୍ଗଳାଙ୍କ ଚରଣରେ ଏହି ସଫଳତାକୁ ସମର୍ପଣ କରିଛନ୍ତି। ସେ ଆଶା କରିଛନ୍ତି ତାଙ୍କର ଏହି ସଫଳତା ବହୁ ଯୁବ ଗବେଷକଙ୍କୁ ପ୍ରେରଣା ଦେବ।

# ଜୀ ସାର୍ଥକ ୱାର୍ଲଡ ଟିଭି ପ୍ରିମିୟମରେ ଦେଖନ୍ତୁ ସୁପରହିଟ୍ ଚଳଚ୍ଚିତ୍ର 'ଚନ୍ଦ୍ରବଂଶୀ' ଆସନ୍ତା ମାର୍ଚ୍ଚ ୧ ତାରିଖ ରବିବାର ସନ୍ଧ୍ୟା ୬:୩୦ରୁ



ଭୁବନେଶ୍ୱର, ୨୩/୨ (ନି.ପ୍ର): ଅନେକ ମନୋରଞ୍ଜନ ଭିତ୍ତିକ ଧାରାବାହିକ, ରିୟ୍ୟାଲିଟି ସୋ ଓ ନୂଆ ଓଡିଆ ଚଳଚ୍ଚିତ୍ର ସହିତ ପ୍ରତି ସପ୍ତାହରେ ଯୋଡ଼ିଛି ନୂଆ ନୂଆ ଦର୍ଶକ। ସେହିପରି ହୋଲି ପୂର୍ବରୁ ଆସନ୍ତା ମାର୍ଚ୍ଚ ୧ ତାରିଖ ରବିବାର ସନ୍ଧ୍ୟା ୬:୩୦ରୁ ହାଇ-ଭୋଲଟେଜ୍ ଡ୍ରାମା ଏବଂ ଭରପୂର ଆକ୍ସନରେ ଭରା ଏକ ସନ୍ଧ୍ୟା ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ, କାରଣ ବହୁ ପ୍ରତିକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ଚନ୍ଦ୍ରବଂଶୀ' ର ୱାର୍ଲ୍ଡ ଟିଭି ପ୍ରିମିୟର ହେବାକୁ ଯାଉଛି କେବଳ ଓଡ଼ିଶାର ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ। 'ଚନ୍ଦ୍ରବଂଶୀ' ହେଉଛି ଏକ ରୋମାଞ୍ଚକର ଆକ୍ସନ-ଡ୍ରାମା ଯେଉଁଥିରେ ପରମ୍ପରା ଅନୁଯାୟୀ ଉତ୍ତରାଧିକାର ପାଲଟିଯାଇଛି ଅଭିଶାପ ରୂପରେ। ଏକ ଶକ୍ତିଶାଳୀ ତଥା ପ୍ରଭାବଶାଳୀ ବଂଶରେ ଉତ୍ତରାଧିକାରୀ ସାଜିଥିବା ମୁଖ୍ୟ ନାୟକ ଛନ୍ଦି ହୋଇଯାଇଛନ୍ତି କ୍ଷମତା, ସଂଘର୍ଷ, ଲୁଚି ରହିଥିବା ରହସ୍ୟ ଏବଂ ପୁରୁଣା ଶତ୍ରୁତା ମଧ୍ୟରେ। ଯେତେବେଳେ ଲୁକ୍କାୟିତ ସତ୍ୟ ସାମ୍ନାକୁ ଆସିବାକୁ ଲାଗେ, ରକ୍ତର ସମ୍ପର୍କର ପ୍ରକୃତ ପରୀକ୍ଷା ହୁଏ ଏବଂ ସମ୍ପର୍କଗୁଡ଼ିକ ବିଶ୍ୱାସଘାତକତାର ସୀମାକୁ ପାରି ହୋଇଯାଏ। ଏହି ଚଳଚ୍ଚିତ୍ରଟି ପ୍ରତିଶୋଧ ଏବଂ ନ୍ୟାୟ, ଅହଂକାର ଏବଂ ମାନବିକତା ମଧ୍ୟରେ ଥିବା ଭାବପ୍ରବଣ ସଂଘର୍ଷକୁ ଅତ୍ୟନ୍ତ ସୁନ୍ଦର ଭାବରେ ଦର୍ଶାଇଛି। ଏହି କାହାଣୀଟି ନାଟକୀୟ ମୁହାଁମୁହିଁ, ଗଭୀର ଆବେଗ ଏବଂ ଦମଦାର ଆକ୍ସନ ଦୃଶ୍ୟରେ ପରିପୂର୍ଣ୍ଣ ଯାହା ଦର୍ଶକଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାକୁ ସଫଳ ହୋଇଥିଲା। ଚଳଚ୍ଚିତ୍ରରେ ଓଲିଉଡର ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ, ପୁନମ ମିଶ୍ର, ଲିପ୍ସା ମିଶ୍ର, ଶ୍ରୀତମ ଦାସ, ଉଷସୀ ମିଶ୍ର ଏବଂ ରାଜ ରାଜେଶ ପ୍ରମୁଖ ଲୋକପ୍ରିୟ କଳାକାର ଅଭିନୟ କରିଛନ୍ତି। ନିର୍ଦ୍ଦେଶନା ଯଶ ଓ ସୁନୀଲ ଦେଇଥିବା ବେଳେ ଏହାର ପ୍ରଯୋଜନା ପ୍ରୀତମ ସାହୁ କରିଛନ୍ତି। ଅସଦ ନିଜାମ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଶକ୍ତିଶାଳୀ କାହାଣୀ ସହିତ ଦମଦାର ଅଭିନୟ ଏବଂ ଉଚ୍ଚ ମାନର ନିର୍ମାଣ ଶୈଳୀର ସମନ୍ୱୟରେ, 'ଚନ୍ଦ୍ରବଂଶୀ' ଘରେ ବସି ଦେଖୁଥିବା ଦର୍ଶକଙ୍କୁ ଦେବା ଏକ ଅଭୁଲା ସିନେମା ଅନୁଭୂତି। କ୍ଷମତା, ତ୍ୟାଗ ଏବଂ ସମ୍ମାନର ଏହି ଆକର୍ଷଣୀୟ କାହାଣୀକୁ ଦେଖିବାକୁ ଭୁଲନ୍ତୁ ନାହିଁ, କେବଳ ଜୀ ସାର୍ଥକରେ, ମାର୍ଚ୍ଚ ୧ ରବିବାର ସନ୍ଧ୍ୟା ୬:୩୦ରେ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ।

# ରଷିପୀଠ ଯୋଗୀମଠ ମହୋତ୍ସବ ପାଳନ ନେଇ ଶୁଭସ୍ତମ୍ଭ ସ୍ଥାପନ

ନୂଆପଡ଼ା, ୨୩/୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକଲା କଲେଜ୍ ପଡ଼ିଆରେ ଆସନ୍ତା ଏପ୍ରିଲ ୧୦ ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ରଷିପୀଠ ଯୋଗୀମଠ ମହୋତ୍ସବ। ଏନେଇ ଆଜି ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଛି। ଏଥିରେ କର୍ତ୍ତା ଭାବରେ ଉଗ୍ର ମାଧବ ମାଝୀ ଓ ବୁଦାଙ୍ଗ ଜାନି ରହିଥିବା ବେଳେ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ କମଳ ଲୋଚନ ଜାନି, ଗୁଜରାତି ଝାଙ୍କର , ଭଗବାନ ଦାଶ ଓ ନରେଶ ମାଝୀ। ମାଆ ରିସିପିଟେନ ଓ ଗଡିଏନଙ୍କ ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏଥିରେ ରଷିପୀଠ ଯୋଗୀମଠ ମହୋତ୍ସବ ପାଳନ କମିଟିର ସମସ୍ତ ସଦସ୍ୟଙ୍କ ସମେତ ଖଡ଼ିଆଳ ବ୍ଲକର ତୁକଲା, ରିଷିଗାଁ, ଖାସବାହାଲ, ବଡଦୋହେଲ, ଦୋହେଲପଡ଼ା ଓ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ବୋଲଧା ଗ୍ରାମ ପଂଚାୟତର ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ।

# ଈଶାଣୀ ବୈଶାଖୀ ମହୋତ୍ସବ, ବାସନ୍ତୀ ପୂଜା ଓ ବିଶାଳ ଉଡ଼ାଯାତ୍ରା ହେବ କେଉଁଠି ? ସଂକଟରେ ଲବଣ ସତ୍ୟାଗ୍ରହ ସ୍ମାରକୀ ମିନି ଷ୍ଟାଡିୟମ



ବାଲେଶ୍ୱର, ୨୩/୨ (ନି.ପ୍ର): ଐତିହାସିକ ଈଶାଣୀ ପଡ଼ିଆର ଆୟୋଜନ ହୋଇଆସୁଥିବା ବୈଶାଖୀ ମହୋତ୍ସବ - ମା' ବାସନ୍ତୀ ପୂଜା ଏବଂ ବିଶାଳ ଉଡ଼ାଯାତ୍ରା ପାଇଁ ବାଲେଶ୍ୱର ସମୁଦ୍ର ଉପକୂଳବର୍ତ୍ତୀ ପ୍ରାୟ ପଚାଶଖଣ୍ଡ ଗାଁର ଜନଗଣଙ୍କ ପାଇଁ ଏକ ସ୍ମରଣୀୟ ଭକ୍ତିର ବିଶ୍ୱାସ ଭାବରେ ପରିଚିତ। ଏହା ଆଂଚଳିକ ଅନୁଗ୍ରହୀ ଭକ୍ତିପୂତ ବ୍ୟକ୍ତିବିଶେଷ ମାନଙ୍କ ସମାବେଶରେ ଏକ ସ୍ୱତନ୍ତ୍ୟ ବହନ କରେ। ଈଶାଣୀ ବୈଶାଖୀ ମହୋତ୍ସବ ଆବାହକ କମିଟିର ସାଧାରଣ ସଂପାଦକ ଭାଗବତ ସାହୁଙ୍କ ଆହ୍ୱାନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ 'ମା' ବାସନ୍ତୀ ସାର୍ବଜନୀନ ମଣ୍ଡପ' ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ବରିଷ୍ଠ ଆଡ଼ଭୋକେଟ୍ ଅଶୋକ କୁମାର ସେନାପତିଙ୍କ ପୌରୋହିତ୍ୟରେ ସବୁବର୍ଷପରି ଏପ୍ରିଲ୍ ୧୦ ତାରିଖରୁ ୧୪ ତାରିଖ ପାଞ୍ଚଦିନିଆ ବହୁବିଧ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ, ଦୁଇରାତି ପାଇଁ ଯାତ୍ରା, ବିଦ୍ୟାଳୟ ପିଲାମାନଙ୍କ ତଥା ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେବା ସହ ଶତାଧିକ ବିଭିନ୍ନ ଷ୍ଟଲ୍-ବିପଣୀ ଓ ରାମଦୋଳି ଆଦି ହରେକ ପ୍ରକାର ମନୋରଞ୍ଜନକାରୀ ଆଲୋକ-ଆକର୍ଷଣ, ଅତ୍ୟାଧୁନିକ ଏଲ୍ଇଡି ମାଧ୍ୟମର ରହିବାର ଆପାତଃ ନିଷ୍ପତ୍ତି ନିଆଯାଇଛି। ପ୍ରକାଶ ଥାଉକି ଏତାଦୃଶ ବିଶାଳ ପଡ଼ିଆର 'ଲବଣ ସତ୍ୟାଗ୍ରହ ମିନି ଷ୍ଟାଡ଼ିୟମ୍' ଦୁଇମାସରୁ ଊର୍ଦ୍ଧ୍ୱ କାଳ ଧରି ପଡ଼ିଆର ପ୍ରବେଶ ପଥକୁ ତାଲା ଲଗାଯାଇ ଦିବସବ୍ୟାପୀ ଗୋରୁଗାଈମାନଙ୍କର ସୁରକ୍ଷିତ ଆଶ୍ରୟସ୍ଥଳ, ପିଲାମାନଙ୍କର ନିୟମିତ ଖେଳାଖେଳିରୁ ବଂଚିତ କରାଇବାର ଦୃଶ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ - ଯେଉଁ ଘଟଣାକୁ ସର୍ବସାଧାରଣରେ ତୀବ୍ର ନିନ୍ଦା କରାଯାଇଛି। ଉପସ୍ଥିତ ସଦସ୍ୟମାନଙ୍କ ମନରେ ଅପରିଣାମଦର୍ଶୀ ପଦକ୍ଷେପ ବିରୁଦ୍ଧରେ ଜିଲ୍ଲାର ବିଭାଗୀୟ ଅଧିକାରୀ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଇ ଆଗାମୀ ଉଡ଼ାଯାତ୍ରା, ବାସନ୍ତୀପୂଜା ଓ ବୈଶାଖୀ ମହୋତ୍ସବର ପାରମ୍ପରିକ କାର୍ଯ୍ୟକ୍ରମ ଯଥାଯଥ ସୁଚାରୁ ସଂପାଦନ ପାଇଁ ସର୍ବସମ୍ମତିମତେ ଦାବି ଉପସ୍ଥାପନ ହୋଇଛି। ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ଉପସଭାପତି କବି ଶ୍ରୀଦେବ, ନରେନ୍ଦ୍ର ଦାସ, ଚଂଚଳ ବର୍ଦ୍ଧନ, ହିମାଂଶୁ ପରିଡ଼ା, ଦୀନବନ୍ଧୁ ବେହେରା, ଜନାର୍ଦ୍ଦନ ବିନ୍ଧାଣୀ, ପ୍ରଫୁଲ୍ଲ ନାୟକ, ସାରିକା କର, ଆଡ଼୍. ଦୀପ୍ତେନ୍ଦ୍ର ରାୟ, ନରେନ୍ଦ୍ର ବାରିକ, ରମେଶ ବେହେରା, ରବୀନ୍ଦ୍ର ମଣ୍ଡୁଆଳ, ସନାତନ ବେହେରା, ମହେନ୍ଦ୍ର ମହାଳିକ, ମନ୍ମଥ ମାଝୀ (ନାଏବ ସରପଞ୍ଚ), ବାବୁ ଦାସ, କାହ୍ନୁଚରଣ ଦାସ, ମନୋଜ ଦାସ, ସାର୍ଥକ ସାହୁ, ଶଶିକାନ୍ତ ସିଂ ପ୍ରମୁଖ ଏହାର ଆଶୁ ସମାଧାନ କରାନଗଲେ ଆଗାମୀ ସପ୍ତାହ/ଦ୍ୱିସପ୍ତାହରେ ଜନସାଧାରଣଙ୍କ ଅସନ୍ତୋଷ ସଂଭାବନାକୁ ଏଡ଼ାଯାଇନପାରେ ବୋଲି ସୂଚନା ରଖିଛନ୍ତି।

# ଶ୍ରୀଶ୍ରୀଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୮ତମ ଜନ୍ମ ମହୋତ୍ସବ ପାଳନ

ଜୟପୁର, ୨୩/୨ (ନି.ପ୍ର): ପରମ ପୂଜ୍ୟପାଦ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଦାଦାଙ୍କ ଆଗମନୀର ଅମ୍ଳାନ ସ୍ମୃତିରେ ସ୍ମରଣ ଦିବସ ବ୍ୟାପୀ ପୂଣ୍ୟ ଉତ୍ସବ ସତ୍ସଙ୍ଗ ବିହାର ଜୟପୁର ଡଙ୍ଗାଗୁଡ଼ା ଠାରେ ପାଳିତ ହୋଇଛି। ଏହି ଅନୁକୂଳାବ୍ଦ-୮୦ ବର୍ଷର ବାର୍ତା। ଇଷ୍ଟ ନିଶାରେ ବୁକୁରେ ବାନ୍ଧିରଖ, କଷ୍ଟ ପାଇବୁ କମ୍ ସତ୍ ଚଳନରେ ଚାଲିବୁ ପଥେ, ପାଇବୁ ବୁକୁରେ ଦମ୍ ଶ୍ରୀ ଶ୍ରୀ ଠାକୁରଙ୍କ ମୁଖଶ୍ରୁତି ରହିଥିଲା। ସତାପ୍ରେମୀ ସୁଧୀବୃନ୍ଦ ମାନଙ୍କୁ ପରମ ପୂଜ୍ୟପାଦ ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କ ପୂତଙ୍କ ଆଶୀର୍ବାଦ ସହ ପୂଜ୍ୟପାଦ ଶ୍ରୀ ଶ୍ରୀ ଅବିନ ଦାଦାଙ୍କ ପ୍ରେରଣା ଦାୟକ ସୃତି ବଚନ ସମସ୍ତ ସତସଙ୍ଗିଙ୍କ ହୃଦୟ କୁ ସ୍ୱର୍ଶେ କରିଥିଲା। ଏହା ସହ ଜୟପୁର ସତସଙ୍ଗ ବିହାର ଡଙ୍ଗାଗୁଡ଼ା ଠାରେ ମାଙ୍ଗଳିଙ୍କ ଅନୁଷ୍ଠାନ ମାଧ୍ୟମରେ ପରିପାଳିତ ହୋଇଥିଲା। ବ୍ରାହ୍ମମୁହୂର୍ତରେ ବେଦ ମାଙ୍ଗଳିକୀ ଓ ନହବତ୍ ପ୍ରତ୍ୟୁଷରେ ଉଷାକୀର୍ତନ ଏବଂ ପ୍ରଣାମ ନିବେଦନ ପରେ ଉଷାବିନତି ଓ ସଦ୍ମନ୍ତ୍ର ପାଠ ସହ ପ୍ରତିମୂର୍ତୀରେ ମାଲ୍ୟାର୍ପଣ ସଙ୍ଗୀତାଞ୍ଜଳୀ କାର୍ଯ୍ୟକ୍ରମ ପରେ ସାଧାରଣ ସଭା ଏବଂ ସାମୂହିକ ପ୍ରସାଦ ସେବନ ହୋଇଥିଲା। ଅପରାହ୍ନରେ ମାତୃ ସମ୍ମିଳନୀ ସନ୍ଧ୍ୟାବିନତୀ, ନାମଜପ, ସଦ୍ମନ୍ତ୍ର ପାଠ, ପ୍ରଣାମ ନିବେଦନ କାର୍ଯ୍ୟକ୍ରମ ମାନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସତସଂଘ ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିନୋଦ ମହାପାତ୍ର, ଉପଦେଷ୍ଟା ଉପେନ୍ଦ୍ର ନାଥ ମିଶ୍ର ଖଲି ପଟ୍ଟନାୟକଙ୍କ ସହ ଅନେକ ଶ୍ରୀ ଶ୍ରୀ ଠାକୁରଙ୍କ ଭକ୍ତ ମାନେ ଉପସ୍ଥିତ ରହିଥିଲେ।

# ରାଣୀପୁର ଗ୍ରାମରୁ ଏକ ମୃତ ବାରହାକୁ ଉଦ୍ଧାର କଲା ବନ ବିଭାଗ

ନୂଆପଡ଼ା, ୨୩/୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ରାଣୀପୁର ଗ୍ରାମରୁ ଏକ ବୟସ୍କ ମୃତ ବାରହାକୁ ଆଜି ଉଦ୍ଧାର କରିଛି ଖଡ଼ିଆଳ ବନ ବିଭାଗ। ଖଡିଆଳ ବନ ବିଭାଗ ଗ୍ରାମବାସୀଙ୍କ ଠାରୁ ଖବର ପାଇ ବାରହାକୁ ଉଦ୍ଧାର କରି ଖଡିଆଳ ପ୍ରାଣୀ ଚିକିତ୍ସାଳୟକୁ ପ୍ରାଥମିକ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ଖଡିଆଳ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ବାରହାକୁ ମୃତ ଘୋଷଣା କରିଥିଲେ। ମୃତ ବାରହାର ବ୍ୟବଚ୍ଛେଦ ପରେ ତାକୁ ମାଟିରେ ପୋତି ଦିଆଯିବ ବୋଲି ଖଡିଆଳ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ବୈଠକ

ଜୟପୁର, ୨୩/୨ (ନି.ପ୍ର): ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଜୟପୁର ଖାଲସାହିସ୍ଥ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତି ଉଦ୍ୟାନରେ ଆୟୋଜିତ ଏହି ବୈଠକରେ ସଭାପତି ମଦନ ମୋହନ ନାୟକ ପୌରୋହିତ୍ୟ କରିଥିଲେ। ସଂପାଦକ ନବୀନ ମାଦଳା ଗତ ବୈଠକର ବିବରଣୀ ପ୍ରଦାନ କରିଥିବା ବେଳେ ଉପସଭାପତି ରାଜେନ୍ଦ୍ର କୁମାର ଗୌଡ଼ ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ବିଶେଷକରି ଆସନ୍ତା ଫେବୃଆରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖରେ ଜୟପୁର ଠାରେ ହେବାକୁ ସ୍ଥିର ହୋଇଥିବା ସମ୍ମିଳନୀର ସ୍ୱତନ୍ତ୍ର ବୈଠକ ଉପରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଯୋଗ ଦେବାକୁ ରାଜ୍ୟ ସରକାରଙ୍କ ଯେଉଁ ମନ୍ତ୍ରୀ ମାନଙ୍କୁ ଅନୁରୋଧ ରହିଥିଲା। ତେବେ ବିଧାନସଭା ବଜେଟ୍ ଅଧିବେଶନ ଯୋଗୁଁ ସେମାନଙ୍କ ପକ୍ଷରୁ ସମ୍ଭବ ହେଉନଥିବା ସୂଚନା ମିଳିଥିଲା। ଏହାକୁ ନେଇ ଆସନ୍ତା ସ୍ୱତନ୍ତ୍ର ଅଧିବେଶନକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ମତ ପ୍ରକାଶ ପାଇଥିଲା। ଏହି ମତକୁ ସମସ୍ତ କର୍ମକର୍ତା ସହମତି ଜଣାଇଥିଲେ। ଉତ୍କଳ ସମ୍ମିଳନୀର ରାଜ୍ୟ ସ୍ତରୀୟ ସ୍ୱତନ୍ତ୍ର ଅଧିବେଶନ ଯାହା ଫେବୃୟାରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖରେ ଜୟପୁରରେ ହେବାକୁ ଘୋଷିତ ହୋଇଥିଲା, ତାହା ସାମୟିକ ଭାବେ ସ୍ଥଗିତ ନିଷ୍ପତି ସହ ପୁଣି ଆସନ୍ତା କିଛି ଦିନ ପରେ ଏହି ବୈଠକ ହେବାକୁ ରହିଥିବା ବେଳେ ଏଥିରେ ଯେପରି ଓଡ଼ିଶାର ମନ୍ତ୍ରୀ ମାନେ ଯୋଗଦେବେ ସେ ସଂପର୍କରେ ଯୋଗାଯୋଗ ଏବଂ ଅତିଥି ସଂପର୍କ ନେଇ ଉପଦେଷ୍ଟା ଭୃଗୁ ବକ୍ସିପାତ୍ରଙ୍କୁ ଦାୟିତ୍ୱ ଦେବାକୁ ବୈଠକରେ ସ୍ଥିର ହୋଇଥିଲା। ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୁଗ୍ମ ସଂପାଦକ ଚନ୍ଦ୍ରକାନ୍ତ ସୂତାର, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ଦାସ ଶୁଭେନ୍ଦୁ ବ୍ରହ୍ମା, ଦିଲୀପ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ସଂଗଠନ ସଂପାଦକ ପରମେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭୁବନେଶ୍ୱରରୁ ଜାପାନ ଯାତ୍ରାରେ ଗଲେ 'ଭାରତ ନେତ୍ର' କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୩/୨ (ନି.ପ୍ର): ଓଡ଼ିଶା ସରକାର ଓ ସିଙ୍ଗାପୁରର ଜିଏଫଟିଏନ ର ମିଳିତ ଉଦ୍ୟମରେ ଆୟୋଜିତ ବ୍ଲକ ସ୍ୱାନ ସମ୍ମିଳନୀ ପରେ 'ଭାରତ ନେତ୍ର' କାର୍ଯ୍ୟକ୍ରମରେ ଚୟନିତ ପ୍ରଥମ ବ୍ୟାଚ୍‌ର ୭ ଜଣ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନିମନ୍ତେ ଆଜି ଭୁବନେଶ୍ୱରରୁ ଜାପାନର ଟୋକିଓ ସହରକୁ ଯାତ୍ରା କରିଛନ୍ତି। ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏକ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଏହି ସୂଚନା ଦେଇଛନ୍ତି। ଜିଏଫଟିଏନ ସିଙ୍ଗାପୁରର ସିଇଓ ସ୍ୱପ୍ନେନ୍ଦୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଛାତ୍ରଛାତ୍ରୀମାନେ ଟୋକିଓରେ ଆୟୋଜିତ 'ଏମୟୁଏଫଜି ୟଙ୍ଗ ଇନୋଭେଟର୍ସ' ଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେବେ। ଜାପାନର ସର୍ବବୃହତ ବ୍ୟାଙ୍କ ଏମୟୁଏଫଜି ଦ୍ୱାରା ପ୍ରାୟୋଜିତ ଏହି ୧୫ ଦିନିଆ କାର୍ଯ୍ୟକ୍ରମରେ ସେମାନେ ଜିଏଫଟିଏନ ଜାପାନ ଫୋରମ ଅନୁସନ୍ଧାନ କରିବା ସହ ଜାପାନର ଫିନ୍‌ଟେକ୍ ଓ ଇନ୍ସୁରୋଟେକ୍ ପରିବେଶ ବିଷୟରେ ଅଧ୍ୟୟନ କରିବେ। ସେଥିପାଇଁ ଟୋକିଓସ୍ଥିତ ଭାରତୀୟ ଦୂତାବାସରେ ନିଜମାନଙ୍କର ବିଜୟୀ 'କ୍ୟାପଷ୍ଟନ ପ୍ରଜେକ୍ଟରେ' ପ୍ରଦର୍ଶନ କରିବେ। ଏହି ପ୍ରୟାସ ଅଧୀନରେ ଆଗାମୀ ଦିନରେ ୭ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବା ଲକ୍ଷ୍ୟ ରହିଛି, ଯାହା ମାଧ୍ୟମରେ ସେମାନେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଅବଦାନ ରଖିପାରିବେ।

# ମହାନଗର ନିଗମ ରାଜସ୍ୱ ସମୀକ୍ଷା: ଫୋକସରେ ହୋଲ୍ଡିଂ ଟାକ୍ସ, ଟ୍ରେଡ ଲାଇସେନ୍ସ ଫି, ଦୋକାନ ଭଡ଼ା

ଗଞ୍ଜାମ, ୨୩/୨ (ନି.ପ୍ର): ବ୍ରହ୍ମପୁର ମହାନଗର ନିଗମର ଯେଉଁ ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ଉଚ୍ଚ ନ୍ୟାୟାଳୟଙ୍କର ରହିତାଦେଶ ନାହିଁ ସେ ସମସ୍ତ ହୋଲ୍ଡିଂ ଟାକ୍ସର ଆଦାୟ ମାର୍ଚ୍ଚ ପହିଲା ସୁଦ୍ଧା ସାରିବାକୁ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଟାକ୍ସ କଲେକ୍ଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଦିନ ବ୍ରହ୍ମପୁର ମହାନଗର ନିଗମ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ରାଜସ୍ୱ ଆଦାୟ ସମ୍ପର୍କିତ ସମୀକ୍ଷା ବୈଠକରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଏଥି ସହ ବିଭିନ୍ନ ସରକାରୀ ସଂସ୍ଥାଗୁଡିକରୁ ହୋଲ୍ଡିଂ ଟାକ୍ସ ଆଦାୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶେଷ କରି ବିଇଡିଏ ଦ୍ୱାରା ନିର୍ମିତ ବ୍ୟାବସାୟିକ ପ୍ରତିଷ୍ଠାନଗୁଡିକର ହୋଲ୍ଡିଂ ଟାକ୍ସ ନିର୍ଦ୍ଧାରଣରେ କୌଣସି ଦ୍ୱନ୍ଦ ନରହିବା ପାଇଁ ଏକ ସ୍ୱତନ୍ତ୍ର ଟାକ୍ସ ଫୋର୍ସ ଗଠନ କରି ସରଜମିନ ତଦନ୍ତ କରିବାକୁ ସ୍ଥିର ହୋଇଛି। ସେହିପରି ମହାନଗର ନିଗମର ସମସ୍ତ ଷ୍ଟଲ ମାସିକ ଭଡା ପଇଠ ପାଇଁ ଗତ ସାତ ତାରିଖରୁ ଆରମ୍ଭ ହୋଇଥିବା କ୍ୟୁଆର କୋଡ ଏବଂ ନିର୍ଦ୍ଦେଶାବଳୀ ବଂଟନ ପ୍ରକ୍ରିୟାକୁ ଆଗାମୀ ସପ୍ତାହେ ମଧ୍ୟରେ ସାରିବାକୁ କମିଶନର କହିଛନ୍ତି। ବାରମ୍ବାର ଯିବା ସତ୍ତ୍ୱେ ଯେଉଁ ଷ୍ଟଲଗୁଡିକ ବକେୟା ଭଡା ପଇଠ କରୁନାହାନ୍ତି ସେସବୁର ଚୁକ୍ତି ରଦ୍ଦ, ଷ୍ଟଲ ସିଲ ଏବଂ ଓପିଡିଆର ନିୟମ ପ୍ରକାରେ କ୍ଷମତାପ୍ରାପ୍ତ ସାର୍ଟିଫେକେଟ ଅଫିସରଙ୍କ ନିକଟରେ ମାମଲା ରୁଜୁ ଭଳି ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି। ନଗର ନିଗମ ରାଜସ୍ୱର ନିଜସ୍ୱ ଉତ୍ସ ମଧ୍ୟରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଟ୍ରେଡ ଲାଇସେନ୍ସ ଫି। ତେଣୁ ମାର୍ଚ୍ଚ ପହିଲାରୁ ମାର୍ଚ୍ଚ ପନ୍ଦର ତାରିଖ ମଧ୍ୟରେ ଟ୍ରେଡ ଲାଇସେନ୍ସର ନବୀକରଣ ଏବଂ ନୂଆ ଟ୍ରେଡ ଲାଇସେନ୍ସ ପାଇଁ ଆବେଦନ ଦାଖଲ କରିବାକୁ ନିଗମ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସେଥିପାଇଁ ନିଗମ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ କାମ କରିବ। ତା ସାଙ୍ଗକୁ ସହର ଭିତରେ ନିଗମର ବିଭିନ୍ନ ଟିମ୍ ଜନସଚେତନତା, ଧରପଗଡ ଏବଂ ଖିଲାଫକାରୀଙ୍କ ବିରୁଦ୍ଧରେ ଅନ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବେଳେ ସହରର ଅନେକ ଦେଶୀମଦ ଭାଟି ଟ୍ରେଡ ଲାଇସେନ୍ସ କରିନଥିବା କମିଶନରଙ୍କ ଦୃଷ୍ଟିକୁ ଆସିବା ପରେ ସେ ଅବକାରୀ କମିଶନରଙ୍କ ସହ ଯୋଗାଯୋଗ କରି ସେ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ କହିଥିଲେ।

# ଅବୈଧ ବାଲି ଓ ପଥର ଚାଲାଣ ବିରୋଧରେ ୫୨ ଦିନରେ ୫୯ ଜଣ ଗିରଫ: ୮୯ଟି ଗାଡି ଜବତ

ପୁରୀ, ୨୩/୨ (ନି.ପ୍ର): ପୁରୀ ଜିଲ୍ଲାରେ ଅବୈଧ ବାଲି ଓ ପଥର ଖନନ, ପରିବହନ ଏବଂ ଅନଧିକୃତ ବ୍ୟବସାୟକୁ ରୋକିବା ପାଇଁ ପୁରୀ ପୋଲିସ ଦ୍ୱାରା ୨୦୨୬ ମସିହାର ଆରମ୍ଭରୁ ଏପର୍ଯ୍ୟନ୍ତ ନିୟମିତ, ସଂଗଠିତ ଓ କଠୋର ଭାବରେ ବିଶେଷ ଅଭିଯାନ ଚାଲିଆସୁଛି। ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ପରିବେଶ ସୁରକ୍ଷା, ସରକାରୀ ରାଜସ୍ୱର ସୁରକ୍ଷା, ନଦୀ ପଥ ଓ ପ୍ରାକୃତିକ ସମ୍ପଦର ସୁରକ୍ଷଣ ସହ ସାଧାରଣ ଲୋକଙ୍କ ଜୀବନ-ଜୀବିକାକୁ ସୁରକ୍ଷିତ ରଖିବା। ଗତ ୫୨ ଦିନ ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ଅବୈଧ ବାଲି ଓ ପଥର ଖନନ ଏବଂ ଚାଲାଣ ସମ୍ପର୍କିତ ମୋଟ ୬୩ଟି ମାମଲା ରୁଜୁ କରାଯାଇଛି। ଏହି ସମସ୍ତ ମାମଲାରେ କଠୋର ତଦନ୍ତ କରାଯାଇ ମୋଟ ୫୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯାନ ସମୟରେ ଅବୈଧ ଭାବେ ବାଲି, ମାଟି ଓ ପଥର ପରିବହନରେ ବ୍ୟବହୃତ ୭୩ଟି ମାଲବାହୀ ଯାନବାହନ ଓ ୨ଟି ଜେସିବି ମେସିନ୍ ଜବତ କରାଯାଇଛି। ଏହା ସହିତ ୧୪ଟି ଯାନବାହନକୁ ମାଇନିଂ ବିଭାଗଙ୍କୁ ହସ୍ତାନ୍ତର କରାଯାଇଛି। ଚଳିତ ବର୍ଷରେ ଏପର୍ଯ୍ୟନ୍ତ ପଞ୍ଜିକୃତ ହୋଇଥିବା ୬୩ଟି ନୂତନ ମାମଲା ଏହି ଅଭିଯାନର ତୀବ୍ରତା ଓ କାର୍ଯ୍ୟକୁଶଳତାକୁ ସ୍ପଷ୍ଟ କରୁଛି। ପୂର୍ବବର୍ଷରେ ମୋଟ୍ ୧୪୬ଟି ଅବୈଧ ଖଣନ ସମ୍ପର୍କିତ ମାମଲା ରେଜେଷ୍ଟ୍ରି ହୋଇଥିବାବେଳେ ଚଳିତ ବର୍ଷରେ ଆରମ୍ଭରୁ ଏହି ଅଭିଯାନକୁ ଆହୁରି ଜୋରଦାର କରାଯାଇଛି। ଏହି ବିଶେଷ ଅଭିଯାନକୁ ଜିଲ୍ଲାର ସମସ୍ତ ୪ଟି ସବ୍-ଡିଭିଜନ୍ ରେ ସମନ୍ୱିତ ଭାବରେ କାର୍ଯ୍ୟକାରୀ କରାଯାଇଛି ସିଟି ସବ୍-ଡିଭିଜନ୍, ପିପିଲି ସବ୍-ଡିଭିଜନ୍, ନିମାପଡ଼ା ସବ୍-ଡିଭିଜନ୍ ଓ ସଦର ସବ୍-ଡିଭିଜନ୍। ପ୍ରତ୍ୟେକ ସବ୍-ଡିଭିଜନ୍‌ର ଥାନାମାନଙ୍କୁ ସକ୍ରିୟ କରାଯାଇ ଦିନ ଓ ରାତ୍ରି ପାଟ୍ରୋଲିଂ, ନାକା ଚେକିଂ, ଆକସ୍ମିକ ରେଡ୍ ଓ ସ୍ପେଶାଲ୍ ଡ୍ରାଇଭ୍ ମାଧ୍ୟମରେ ଅବୈଧ ଖନନ ଓ ପରିବହନକୁ ରୋକିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି। ଅନଧିକୃତ ଭାବେ ବାଲି ଓ ପଥର ପରିବହନ କରୁଥିବା ଯାନବାହନ ଜବତ ସହ ଖନନ କାର୍ଯ୍ୟରେ ବ୍ୟବହୃତ ମେସିନ୍, ସାମଗ୍ରୀ ଓ ଅନ୍ୟାନ୍ୟ ଉପକରଣ ମଧ୍ୟ ସିଜ୍ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଆଇନଗତ ପଦକ୍ଷେପ ଗ୍ରହଣ ହେଉଛି। ଅବୈଧ ବାଲି ଓ ପଥର ଖନନ ପରିବେଶ ପାଇଁ ଗୁରୁତର ହାନିକାରକ ହେବା ସହ ନଦୀ ପଥର ପରିବର୍ତ୍ତନ, ଭୂଗର୍ଭ ଜଳସ୍ତର କମିବା ଓ ପ୍ରାକୃତିକ ସମତାକୁ ବିଘ୍ନିତ କରୁଛି। ସେହିପରି ଏହି ପ୍ରକାର ଅପରାଧ ପ୍ରତି କୌଣସି ପ୍ରକାର ସୁଯଗ ଦିଆଯିବ ନାହିଁ ବୋଲି ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ବିଶେଷ ଅଭିଯାନକୁ ଆହୁରି ତୀବ୍ର କରାଯିବ ଏବଂ ଅବୈଧ ଖଣନ, ସଂଚୟ ଓ ପରିବହନ ବିରୋଧରେ ନିୟମିତ କାର୍ଯ୍ୟାନୁଷ୍ଠାନ ଚାଲିଥିବ। ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଉଛି ଯେ ଅବୈଧ ବାଲି କିମ୍ବା ପଥର ଖଣନ ସମ୍ପର୍କିତ କୌଣସି ସୂଚନା ମିଳିଲେ ନିକଟସ୍ଥ ଥାନା କିମ୍ବା ୧୧୨ ନମ୍ବରକୁ ଅବଗତ କରାନ୍ତୁ। ଲୋକଙ୍କ ସହଯୋଗ ଓ ସଚେତନତା ଦ୍ୱାରା ମାତ୍ର ଏହି ପ୍ରକାର ଅପରାଧକୁ ପ୍ରଭାବଶାଳୀ ଭାବରେ ରୋକାଯାଇପାରିବ ବୋଲି ପୋଲିସ ଆଶା ପ୍ରକାଶ କରିଛି।

# ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଇଣ୍ଡିଆନ ବାଇ ବାର୍ଥର ବାର୍ଷିକ ବୈଠକ ଅନୁଷ୍ଠିତ

କେନ୍ଦୁଝର, ୨୩/୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଗୋପାଳପୁର ନିକଟରେ ପ୍ରାକୃତିକ ପରିବେଶ ଘେରା ନଦୀ କୁଳରେ ଅନୁଷ୍ଠିତ ହୋଇଯାଇଛି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଇଣ୍ଡିଆନ ବାଇ ବାର୍ଥ ର ବାର୍ଷିକ ବୈଠକ ୨୦୨୬। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଶତାଧିକ ସଦସ୍ୟ ସଦସ୍ୟା ଯୋଗଦେଇଥିଲେ। ସଙ୍ଗଠନର ପ୍ରତିଷ୍ଠାତା ଇଂ ସୁନିଲ କୁମାର ବେହେରା ସମାଜ ସେବାକୁ ଏକ ବ୍ରତ ଭାବରେ ଗ୍ରହଣ କରିବାକୁ ସଦସ୍ୟ ମାନଙ୍କୁ ନିବେଦନ କରି ଭାବପୂର୍ଣ୍ଣ ବକ୍ତବ୍ୟ ଦେଇଥିଲେ। ସଙ୍ଗଠନର ସହ ପ୍ରତିଷ୍ଠାତା ଇଂ ସତ୍ୟ ରଞ୍ଜନ ସାହୁ ସଙ୍ଗଠନର ବାର୍ଷିକ ବିବରଣୀ ରଖିବା ସହିତ ଆଗାମୀ କାର୍ଯ୍ୟକ୍ରମ ଯଥା କନ୍ୟା ବିବାହ, ଡ୍ରପ ଆଉଟ୍ ଛାତ୍ରଙ୍କୁ ପୁନଃ ଶିକ୍ଷାଦାନ ଓ ଜରା ନିବାସ ନିର୍ମାଣ ଆଦି ଉପରେ ଆଲୋକପାତ କରିଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ରଜତ ଜୟନ୍ତୀ ଉତ୍ସବ

ଭଦ୍ରକ, ୨୩/୨ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର, ନୂତନ କର୍ମକର୍ତ୍ତା ନିର୍ବାଚନ ଓ ରଜତ ଜୟନ୍ତୀ ଉତ୍ସବ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଅନାଦି ଚରଣ ଦାସ, କରୁଣାକର ଉପାଧ୍ୟାୟ, ବସନ୍ତ କୁମାର ଦେ, ବିକାଶ କୁମାର ମହାନ୍ତି, ରାଜେନ୍ଦ୍ର ପାତ୍ର, ବାମନ ଚରଣ ରାଉତଙ୍କ ଦ୍ୱାରା ସଦସ୍ୟ, ସଦସ୍ୟା, ଛାତ୍ର, ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପଞ୍ଜିକରଣ ପରେ ନିର୍ବାଚନ ଅଧିକାରୀ ଭାବେ ଡେପୁଟି କଲେକ୍ଟର ଶ୍ୱେତାଶ୍ରୀ ମହାପାତ୍ର, ପ୍ରଧାନ ଶିକ୍ଷକ ଭୀମ ଚରଣ ପରିଡ଼ା, ପ୍ରଧାନ ଶିକ୍ଷକ ସରୋଜ କୁମାର ପ୍ରଧାନଙ୍କ ଦ୍ୱାରା ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଉପସଭାପତି ଶାନ୍ତନୁ କୁମାର ରାଉତଙ୍କ ଦ୍ୱାରା ମଞ୍ଚ ଆମନ୍ତ୍ରଣ କରାଯାଇଥିଲା। ସଂଘର ସଭାପତି ଦିଗମ୍ବର ମହାନ୍ତିଙ୍କ ପୌରୋହିତ୍ୟରେ ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଡେପୁଟି କଲେକ୍ଟର ଶ୍ୱେତାଶ୍ରୀ ମହାପାତ୍ର ମୁଖ୍ୟ ଅତିଥି ଭାବରେ, ସମ୍ମାନିତ ଅତିଥିଭାବେ ଡଃ ବ୍ରଜମୋହନ ମିଶ୍ର ଓ ଡାକ୍ତର ରବୀନ୍ଦ୍ର କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ବାବାଜୀ ଚରଣ ପଣ୍ଡା, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି ମଞ୍ଚାସୀନ ଥିଲେ। ସମସ୍ତ ଅତିଥିଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥି ରଜତ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବେଦପାଠ କରିଥିଲେ ପଣ୍ଡିତ ଘନଶ୍ୟାମ ଲେଙ୍କା ଓ ଗାନ୍ଧି ଓଡ଼ିଶା ବାଳାଶ୍ରମର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରାରମ୍ଭିକ ସଂଗୀତ ଭାବେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଅଜିତ କୁମାର ନାୟକ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସଭାପତି ଦିଗମ୍ବର ମହାନ୍ତି, ସଂଘର ରଜତ ଜୟନ୍ତୀ ସ୍ମରଣିକା 'ଉତ୍ତରଣ' ମୁଖ୍ୟ ଅତିଥି ଓ ଅତିଥି ବୃନ୍ଦଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଲୋକାର୍ପଣ କରାଯାଇଥିଲା। ସ୍ମରଣିକାର ସଂପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ଡଃ ଗୋଲକ ବିହାରୀ ସାହୁ, ଅତିଥି ବୃନ୍ଦଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ ସଂଧାରଣ ସଂପାଦକ ପ୍ରଭାକର ମଲ୍ଲିକ। ମୁଖ୍ୟ ଅତିଥି ଶ୍ୱେତାଶ୍ରୀ ମହାପାତ୍ର ତାଙ୍କର ବକ୍ତବ୍ୟ ମାଧ୍ୟମରେ ବୟସ୍କଙ୍କର ସମାଜ ପ୍ରତି ପ୍ରତିବଦ୍ଧତା, ସେମାନଙ୍କର ସେବା, ତ୍ୟାଗ ଓ ଦିଗ୍‌ଦର୍ଶନ ସଂପର୍କୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଡଃ ବ୍ରଜମୋହନ ମିଶ୍ର ତାଙ୍କର ବକ୍ତବ୍ୟ ମାଧ୍ୟମରେ ସମାଜର ଅବସ୍ଥା, ସେଥିପ୍ରତି ବୟସ୍କଙ୍କର ଭୂମିକା ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଡାକ୍ତର ରବୀନ୍ଦ୍ର କୁମାର ନାୟକ ତାଙ୍କ ବକ୍ତବ୍ୟରେ ବୃଦ୍ଧାବସ୍ଥାର ରୋଗ, ତାହାର ଯତ୍ନ ସେଥିପ୍ରତି ସଚେତନ ଓ ସତର୍କ ସଂପର୍କୀୟ ଦୈନନ୍ଦିନ କାର୍ଯ୍ୟ ପ୍ରଣାଳୀରେ ପ୍ରୟୋଗ ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ତାଙ୍କ ବକ୍ତବ୍ୟରେ ବୟସ୍କଙ୍କ ଆଧାତ୍ମିକ କାର୍ଯ୍ୟ, ସମାଜସେବାରେ ବରିଷ୍ଠମାନେ ନିଜର ଅଙ୍ଗୀକାରବଦ୍ଧତା ସଂପର୍କରେ ବିଭିନ୍ନ ଉଦାହରଣ ଓ ଗଳ୍ପ ମାଧ୍ୟମରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି ସଂଘୀୟ ଏକତା, ସଂଘର କାର୍ଯ୍ୟକ୍ରମରେ ସମସ୍ତଙ୍କର ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ସଂଘର ଅଶୀବର୍ଷୀୟ ସଦସ୍ୟ ପ୍ରଫେସର ଡଃ ରାଧା ବିନୋଦ ନାୟକ, ରବୀନ୍ଦ୍ର କୁମାର ମହାନ୍ତି, ସର୍ବେଶ୍ୱର ପଟ୍ଟନାୟକ, ଶଶୀ ଭୂଷଣ ଜେନା, ପ୍ୟାରୀମୋହନ ବେହେରା, ପ୍ରଭାକର ମଲ୍ଲିକ ଓ ସଦସ୍ୟା ଶୋଭନିକା ମହାନ୍ତି, ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ବେହେରା, ଜିଲ୍ଲାସ୍କୁଲ ଭଦ୍ରକର ଶିକ୍ଷୟିତ୍ରୀ ଲିପ୍‌ସିତା ବିଶ୍ୱାଳଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଲକ୍ଷ୍ମଣ କୁମାର ମହାନ୍ତି, ହରମୋହନ କୁଅଁର, ମୁକ୍ତିକାନ୍ତ ମହାପାତ୍ର, ରାମଚନ୍ଦ୍ର କର, ରମାକାନ୍ତ ନାୟକ, ଯୁଧିଷ୍ଠିର ବାରିକ, ବାଦଲ କିଶୋର ମହାପାତ୍ର। ସଂଘର ସଦସ୍ୟ ସଦସ୍ୟାଙ୍କ ପକ୍ଷରୁ ପ୍ରଦତ୍ତ ସ୍ଥାୟୀ ଜମାରାଶିର ବାର୍ଷିକ ସୁଧରୁ ସେମାନଙ୍କର ଇଚ୍ଛା ଓ ସର୍ତ୍ତାନୁସାରେ ବିଭିନ୍ନ ବିଦ୍ୟାଳୟର ୨୦ ଜଣ ଛାତ୍ର ଛାତ୍ରୀଙ୍କୁ ସେମାନଙ୍କର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ପରୀକ୍ଷା ଓ ବିଦ୍ୟାଳୟ ସ୍ତରୀୟ ପରୀକ୍ଷା ୨୦୨୫ ମସିହାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସ୍ୱରୂପ ଟ୍ରଫି, ପ୍ରମାଣ ପତ୍ର ଓ ପୁଷ୍ପଗୁଚ୍ଛ ମାଧ୍ୟମରେ ଅତିଥିଙ୍କ ଦ୍ୱାରା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା।

## ଜନଶୁଣାଣି: ୧୬୮ଟି ଅଭିଯୋଗ ଗ୍ରହଣ, ୪୨ଟିର ତତ୍କାଳ ସମାଧାନ

ଭଦ୍ରକ, ୨୩/୨ (ନି.ପ୍ର): ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରା ଏବଂ ଅଧ୍ୟକ୍ଷତାରେ ବାସୁଦେବପୁର ବ୍ଲକ ପଞ୍ଚାୟତ ସମିତି ଗୃହରେ ଆୟୋଜିତ ଜନସୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୧୬୮ଟି ଅଭିଯୋଗ ଗ୍ରହଣ କରାଯାଇଛି। ଏଥିମଧ୍ୟରୁ ୧୪୯ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଥିବାବେଳେ ୧୬ଟି ଅଭିଯୋଗ ଗାଁ/ସାମୁଦାୟିକ ସମସ୍ୟା ସମ୍ପର୍କିତ ରହିଛି। ଜନସୁଣାଣିରେ ୪୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହାସହ ରେଡକ୍ରସ୍ ସହାୟତା ଅଧୀନରେ ୩ଟି ମାମଲାରେ ସହାୟତା ପ୍ରଦାନ କରାଯାଇଛି। ଜିଲ୍ଲା ରେଡକ୍ରସ୍ ଫଣ୍ଡରୁ ୩ଜଣଙ୍କ ପକ୍ଷରେ ୧୧,୫୦୦ ଟଙ୍କାର ସହାୟତା ମଞ୍ଜୁର କରାଯାଇଛି।

## ପୁଣି ଫାଇନାନ୍ସ କମ୍ପାନୀର ଜୁଲମ : ବୈଶିଙ୍ଗା ଥାନାରେ ମହିଳାଙ୍କ ଅଭିଯୋଗ

ବୈଶିଙ୍ଗା , ୨୩/୨ (ନି.ପ୍ର): ପ୍ରାୟ ୪/୫ ମାସ ତଳେ ବିଭିନ୍ନ ଫାଇନାନ୍ସ କମ୍ପାନୀର କର୍ମଚାରୀ ମାନେ ଜୁଲମ କରି ବିଦୁକୁଡିଆ ଅଞ୍ଚଳର ୫୦ ରୁ ଅଧିକ ମହିଳାଙ୍କ ଠାରୁ ଅର୍ଥ ଆଦାୟ ପାଇଁ ଧମକ ଦେଉଥିଲେ। ମାତ୍ର ଏହି ମହିଳାଙ୍କ ନାମରେ ଲୋନ କରି ଅନ୍ୟ ଜଣେ ମହିଳା ଟଙ୍କା ନେଇ ଶୁଝିବା ପରିବର୍ତ୍ତେ ଘର ଛାଡି ବାହାରେ ରହୁଥିଲେ । ଅଭିଯୋଗକାରୀ ମହିଳାମାନେ ଥାନାରେ ଦ୍ୱାରସ୍ଥ ହେବା ପରେ ଘଟଣାର ସମାଧାନ ହୋଇଥିଲା । ଠିକ୍ ସେହିପରି ସରବଣା ଗ୍ରାମର ସ୍ୱାମୀ ଭରତ ଆଚାର୍ଯ୍ୟ ଏବଂ ସ୍ତ୍ରୀ ଜ୍ୟୋତିରାଣୀ ଆଚାର୍ଯ୍ୟ ଦୁହେଁ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କ ସଲାସୁତୁରା ରେ କିଛି ମହିଳାଙ୍କ ନାମ ରେ ୧୦ ଲକ୍ଷ ୨୪ ହଜାର ଟଙ୍କା ଲୋନ କରି କିଛି ଦିନ କିସ୍ତି ଦେବା ପରେ ପ୍ରାୟ ଏକ ବର୍ଷ ହେବ ଆଉ ସୁଝୁ ନାହାନ୍ତି ବୋଲି ଏହି ମହିଳାମାନେ ବୈଶିଙ୍ଗା ଥାନରେ ଏକ ଅଭିଯୋଗ କରିଛନ୍ତି ।ଏହି ଅଭିଯୋଗକାରୀ ମାନେ ହେଲେ ଶ୍ରୀମତୀ କବିତା ମହାପାତ୍ର , ଟିକିଲି ଦଳେଇ ,ଜ୍ୟୋତ୍ସ୍ନା ଦେହୁରୀ , ଭାରତୀ ଦେହୁରୀ ,ମଲ୍ଲୀ ମୌଳିକ , ଟିକି ଦେହୁରୀ , ସବିତା ଦଳେଇ , କୁନି ଦେହୁରୀ , ସବିତା ଦେହୁରୀ ପ୍ରମୁଖ ସରବଣା ଗ୍ରାମର ଅଟନ୍ତି। ଏମାନଙ୍କ ଠାରୁ ମୋଟ ୧୦ ଲକ୍ଷ ୨୪ ହଜାର ଟଙ୍କାର ଫାଇନାନ୍ସ ହୋଇଥିବା ଅଭିଯୋଗ ରେ ଦର୍ଶାଯାଇଛି । ଏହି ମହିଳା ମାନଙ୍କୁ ଚିଟିଂ କରି ଭରତ ଆଚାର୍ଯ୍ୟ ଏବଂ ଜ୍ୟୋତିରାଣୀ ଆଚାର୍ଯ୍ୟ ସ୍ୱାମୀ ସ୍ତ୍ରୀ ଉଭୟେ ଲୋନ ଟଙ୍କା ନସୁଝିବାରୁ ଫାଇନାନ୍ସ କମ୍ପାନୀ କର୍ମଚାରୀ ମାନଙ୍କର ଏହି ମହିଳାମାନଙ୍କ ଉପରେ ଜୁଲମ ଜାରି ରଖିଛନ୍ତି । ଏଥିପାଇଁ ଏହି ମହିଳାଙ୍କ ପରିବାର ମଧ୍ୟରେ ଅଶାନ୍ତି ବଢ଼ି ଚାଲିଛି । ଏଥିରୁ ମୁକ୍ତି ପାଇଁ ସେମାନେ ବୈଶିଙ୍ଗା ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପୋଲିସ ମାମଲା ଗ୍ରହଣ କରି ଘଟଣାର ସତ୍ୟାସତ୍ୟ ଉପରେ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

## ଜଳେଶ୍ୱରରେ 'ପିଏମ ସୂର୍ଯ୍ୟଘର ମାଗଣା ବିଜୁଳି' ଯୋଜନା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ

ଜଳେଶ୍ୱର, ୨୩/୨ (ନି.ପ୍ର): ସାଧାରଣ ଲୋକଙ୍କୁ ସୌର ଶକ୍ତି ମାଧ୍ୟମରେ ସ୍ୱଳ୍ପ ଖର୍ଚ୍ଚରେ ମାଗଣା ବିଜୁଳି ଯୋଗାଇଦେବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ 'ପିଏମ ସୂର୍ଯ୍ୟଘର ମାଗଣା ବିଜୁଳି' ଯୋଜନାକୁ ନେଇ ଜଳେଶ୍ୱରରେ ଏକ ବିରାଟ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି ।ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ନୂଆ ବଜାର ସ୍ଥିତ ଭଞ୍ଜ ଭବନ ପରିସରରେ ଶିବ ବାବା ଗ୍ରୀନ ଏନର୍ଜି ସଲୁସନ ପକ୍ଷରୁ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।ପୂର୍ବାହ୍ନ ୧୧ ଘଟିକା ସମୟରେ ଅନୁଷ୍ଠିତ ଏହି ବୈଠକରେ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଶ୍ରୀ ରମାକାନ୍ତ ଭଞ୍ଜ ସଭାପତିତ୍ୱ କରିଥିଲେ ।ଶିବ ବାବା ଗ୍ରୀନ ଏନର୍ଜି ସଲୁସନର ପ୍ରୋପାଇଟର ଅମୂଲ୍ୟ ରତନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାକୁ ଦେବାଶିଷ ମହାପାତ୍ର ସଂଯୋଜନା କରି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ।ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ ଲୋକନାଥ ଚତୁର,ମୁଖ୍ୟ ଚନ୍ଦନ କୁମାର ରାଉଳ ଏବଂ ବାଣିଜ୍ୟିକ ନିର୍ଦ୍ଦେଶକ ଅରିନ୍ଦମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ଉପସ୍ଥିତ ବକ୍ତାମାନେ 'ପିଏମ ସୂର୍ଯ୍ୟଘର' ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟତଃ: ସବ୍‌ସିଡି ବ୍ୟବସ୍ଥା: ସାଧାରଣ ଖାଉଟିମାନେ କିଭଳି ସରକାରୀ ସହାୟତା ବା ସବ୍‌ସିଡି ପାଇ ସୁଲଭ ମୂଲ୍ୟରେ ସୌର ପ୍ୟାନେଲ ଲଗାଇପାରିବେ ସେ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା ।ସୌର ଶକ୍ତିର ବ୍ୟବହାର କରି କିଭଳି ମାସିକ ବିଜୁଳି ବିଲ୍‌କୁ ଶୂନ କରାଯାଇପାରିବ ଏବଂ ପରିବେଶକୁ ପ୍ରଦୂଷଣମୁକ୍ତ ରଖାଯାଇପାରିବ,ସେ ନେଇ ଲୋକଙ୍କୁ ବୁଝାଯାଇଥିଲା ।ଘର ଛାତରେ ସୌର ପ୍ରକଳ୍ପ ସ୍ଥାପନ କରି ଜଣେ ବ୍ୟକ୍ତି ନିଜର ଶକ୍ତି ଆବଶ୍ୟକତା କିଭଳି ନିଜେ ପୂରଣ କରିପାରିବେ,ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାବିତ୍ରୀ ଜେନା,ହରେକୃଷ୍ଣ ଜେନାଙ୍କ ସମେତ ଅନେକ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଉପସ୍ଥିତ ରହି ସୌର ଶକ୍ତିର ବ୍ୟବହାର ଓ ଏହାର ସୁଫଳ ସମ୍ବନ୍ଧରେ ଅବଗତ ହୋଇଥିଲେ। ଶିବ ବାବା ଗ୍ରୀନ ଏନର୍ଜି ସଲୁସନ ପକ୍ଷରୁ ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖାଯାଇ ସେମାନଙ୍କ ସନ୍ଦେହ ଦୂର କରାଯାଇଥିଲା।

AFFIDAVIT



By virtue of an affidavit sworn before Executive Magistarate Soro, Balasore dated 17/02/2026 I, Chandrika Nayak, Vill- Itua, Po- Soro, Ps- Soro, Dist- Balasore, Pin- 756045 Odisha declare that I have changed my name from Chandrika Mohanty to Chandrika Nayak. Henceforth, I shall be known as Chandrika Nayak for all purposes.
Chandrika Nayak

AFFIDAVIT

By virtue of an affidavit sworn before Executive Magistarate and Tahasildar Basta, Balasore dated 13/02/2026 I, Sasmita Sahu, Vill- Kothacharigan, Po- Amarda Road, Ps- Basta, Dist- Balasore, Odisha-756030 declare that I have changed my name from Sasmita Swapna Sagar Chand to Sasmita Sahu. Henceforth, I shall be known as Sasmita Sahu for all purposes.
Sasmita Sahu

## ଅର୍ଥ ଖର୍ଚ୍ଚରେ କ୍ରୀଡା ଓ ଯୁବସେବା ବିଭାଗ ପଛରେ

ଭୁବନେଶ୍ୱର, ୨୩/୨ (ନି.ପ୍ର): ବଜେଟରେ ହେଉଥିବା ଅର୍ଥକୁ ଖର୍ଚ୍ଚ କରିବାରେ କ୍ରୀଡା ଓ ଯୁବସେବା ବିଭାଗ ସବୁଠାରୁ ପଛରେ ପଡିଛି । ଏଥି ସହିତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ମିଶନ ଶକ୍ତି ବିଭାଗ ମଧ୍ୟ ପଛରେ ପଡିଛନ୍ତି । ଗତ ଆର୍ଥିକ ବର୍ଷରେ ବିଭାଗ ଗୁଡିକ ବଜେଟ ଅର୍ଥ ଖର୍ଚ୍ଚ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ଦେଇଥିବା ଉତ୍ତରରୁ ଜଣାଯାଇଛି ଯେ ୨୦୨୪-୨୫ ଆର୍ଥିକ ବର୍ଷରେ କ୍ରୀଡା ଓ ଯୁବସେବା ବିଭାଗ ବଜେଟ ଅର୍ଥରୁ ମାତ୍ର ୨୬.୧୫ ପ୍ରତିଶତ ଅର୍ଥ ବ୍ୟୟରେ ସଫଳ ହୋଇଛି। ବିଭାଗ ପାଇଁ ବଜେଟରେ ୧୨୫୩ କୋଟି ୨୩ଲକ୍ଷ ଟଙ୍କା ଥିବାବେଳେ ଖର୍ଚ୍ଚ ହୋଇଛି ମାତ୍ର ୩୨୭ କୋଟି ୭୫ଲକ୍ଷ ଟଙ୍କା । ସେହିଭଳି ପଞ୍ଚାୟତିରାଜ ବିଭାଗ ୫୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିବାବେଳେ ଇସ୍ପାତ ଓ ଖଣି ବିଭାଗ ୨୯ ପ୍ରତିଶତ ଅର୍ଥ ବ୍ୟୟ କରିଛି ।

## ରୋଟାରୀ ରୟାଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୨୦୨୬: ରୋଟାରୀ କ୍ଲବ୍ ଅଫ୍ କଟକ ବିଜୟୀ

ଭୁବନେଶ୍ୱର, ୨୩/୨ (ନି.ପ୍ର): ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ରୟାଲ୍ ଆନୁକୂଲ୍ୟରେ ସ୍ଥାନୀୟ ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ କ୍ରିକେଟ୍ ପଡ଼ିଆଠାରେ 'ରୋଟାରୀ ରୟାଲ୍ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୨୦୨୬' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଗତ ରବିବାର (୨୨ ଫେବୃଆରୀ) ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ରୋଟାରିଆନ ମାନଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ, ବନ୍ଧୁତ୍ୱ ଓ କ୍ରୀଡ଼ା ନୈପୁଣ୍ୟ ଦେଖିବାକୁ ମିଳିଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ୍ ମନୋଜ ତ୍ରିପାଠୀ ଉଦଘାଟନ କରିଥିଲେ। ଏହି ଅବସରରେ ଡି.ଜି.ଇ ରୋଟାରିଆନ୍ ଅନିଲ ସାମଲ, ପି.ଡି.ଜି ରୋଟାରିଆନ୍ ରବିନାରାୟଣ ନନ୍ଦ ଏବଂ ପି.ଡି.ଜି ରୋଟାରିଆନ୍ ଦେବାଶିଷ ମିଶ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ରୋଟାରୀ ଆନ୍ତର୍ଜାତୀୟ ଜିଲ୍ଲା ୩୨୬୨ର ମୋଟ ଚାରୋଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ 'ରୋଟାରୀ କ୍ଲବ୍ ଅଫ୍ ମେଡୋଜ୍' ଏବଂ 'ରୋଟାରୀ କ୍ଲବ୍ ଅଫ୍ କଟକ' ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ରୋଟାରୀ କ୍ଲବ୍ ଅଫ୍ କଟକ ବିଜୟୀ ହୋଇ ସମ୍ମାନଜନକ 'ରୟାଲ୍ କପ୍' ଟ୍ରଫି ହାସଲ କରିଛି। ପୁରସ୍କାର ବିତରଣୀ ସମାରୋହରେ ଅନେକ ବିଶିଷ୍ଟ ରୋଟାରିଆନ୍ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ପି.ଡି.ଜି ରୋଟାରିଆନ୍ ଅଶ୍ୱିନୀ କର, ଡି.ଜି.ଇ.ଏନ୍ ରୋଟାରିଆନ୍ ଇନ୍ଦ୍ରଜିତ ସାହୁ, ପି.ଡି.ଜି ରୋଟାରିଆନ୍ ଶିବବ୍ରତ ଦାସ, ଡି.ଜି.ଇ ରୋଟାରିଆନ୍ ଅନିଲ ସାମଲ, ପି.ଡି.ଜି ରୋଟାରିଆନ୍ ରବିନାରାୟଣ ନନ୍ଦ, ରୟାଲ୍ କ୍ଲବ୍ ସଭାପତି ରୋଟାରିଆନ୍ ଅର୍ଜୁନ କୁମାର ସାହୁ, ସମ୍ପାଦକ ରୋଟାରିଆନ୍ ଦୀପକ ସେହଗଲ୍ ଏବଂ ଟୁର୍ଣ୍ଣାମେଣ୍ଟ ଅଧ୍ୟକ୍ଷ ରୋଟାରିଆନ୍ ବିଶ୍ୱଜିତ ମିଶ୍ର ପ୍ରମୁଖ ସାମିଲ ଥିଲେ। ଏହା ବ୍ୟତୀତ ଆଇ.ପି.ପି ବିଭୂତି ଭୂଷଣ କର, ପି.ପି ପ୍ରସନ୍ନ କୁମାର ଲେଙ୍କା, ପି.ପି ବାଦଲ ପରିଜା, କାର୍ଯ୍ୟନିର୍ବାହୀ ସମ୍ପାଦକ ଦେବାବ୍ରତ ମହାନ୍ତି, ବିଜୟ ଅଗ୍ରୱାଲ, ପି.ପି ସଞ୍ଜୟ ଚୌଧୁରୀ, ପ୍ରଭଞ୍ଜନ ମଲ୍ଲିକ, ପ୍ରଶାନ୍ତ ସାହୁ, ଶ୍ରୀନିବାସ ସାହୁ, ଦେବା ପାତ୍ର, ପି.ପି ତୁଷାର ମହାନ୍ତି, ପି.ପି ଅଜୟ ପଟ୍ଟନାୟକ ଏବଂ ପି.ପି ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଭାପତି ରୋଟାରିଆନ୍ ଅର୍ଜୁନ କୁମାର ସାହୁ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ସଦସ୍ୟଙ୍କ ନିରନ୍ତର ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ନିମନ୍ତେ କୃତଜ୍ଞତା ଜ୍ଞାପନ କରିଛନ୍ତି। ରୋଟାରୀ ଜିଲ୍ଲାର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଏକତା ଓ ସଂହତି ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ଏହି ରୟାଲ୍ କପ୍ ଆୟୋଜନ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଶାସନର ହେବ...

ଭଲ ପ୍ରଦର୍ଶନ କରୁନଥିବା ମନ୍ତ୍ରୀଙ୍କ ଠାରୁ ବିଭାଗକୁ କାଢ଼ି ନେଇ ଅନ୍ୟଙ୍କୁ ଦେଇପାରନ୍ତି ମୋହନ । କୋରକମିଟି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ମନ୍ତ୍ରିମଣ୍ଡଳ ସଂପ୍ରସାରଣ ପାଇଁ ତାଲିକା ପ୍ରସ୍ତୁତି ହୋଇଥିବା ଚର୍ଚ୍ଚା ହେଉଛି । ସେହିପରି ରାଜ୍ୟସଭା ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା, ବୋର୍ଡ-ନିଗମ ବଣ୍ଟନ ନେଇ ଆଲୋଚନା ହୋଇଛି । ବିଜେପି ରାଜ୍ୟ ସଂଗଠନରେ ସବୁ କିଛି ଠିକଠାକ୍ ଚାଲିନଥିବା ବିଭିନ୍ନ ସମୟରେ ଚର୍ଚ୍ଚା ହୋଇଆସୁଛି । କ୍ଷମତାରେ ଥାଇ ମଧ୍ୟ ଗୋଷ୍ଠୀ ରାଜନୀତି ବିଜେପି ଉପରେ ଭାରି ପଡୁଥିବା ରାଜନୈତିକ ମହଲରେ ଆଲୋଚନାର ବିଷୟ ବି ସାଜୁଛି । ଯାହାକୁ ନେଇ କେନ୍ଦ୍ରୀୟ ନେତୃତ୍ୱ ଦଳୀୟ ଏକତା ଉପରେ ଜୋର ଦେବାକୁ ରାଜ୍ୟ ନେତୃତ୍ୱକୁ ତାଗିଦ କରିଛନ୍ତି । ପୂର୍ବରୁ ବୋର୍ଡ, ନିଗମ ନାଁ ରାଜ୍ୟ ବିଜେପି ଚୂଡାନ୍ତ କଲେ ମଧ୍ୟ ଅନ୍ତଃକନ୍ଦଳ ଯୋଗୁଁ ବରିଷ୍ଠ ନେତାଙ୍କ କେଁ ରହୁଥିଲା । ତେଣୁ କେନ୍ଦ୍ରର ନିର୍ଦ୍ଦେଶ କ୍ରମେ କୋର କମିଟି ବୈଠକ କରାଯାଇଥିବା କୁହାଯାଉଛି । ଆଗକୁ ପଂଚାୟତ ଓ ପୌର ନିର୍ବାଚନ ଥିବାରୁ ଅସନ୍ତୁଷ୍ଟ ନେତାଙ୍କୁ ସନ୍ତୁଷ୍ଟ କରିବା ଦଳ ପାଇଁ ବଡ ଆହ୍ୱାନ ।

### ଓଡ଼ିଶା ଆସିବେ...

ଏନେଇ କୋର୍ଟକୁ ମଧ୍ୟ ଅବଗତ କରିଛନ୍ତି ରାଜ୍ୟ ସରକାର । କିନ୍ତୁ ଉପ-ମୁଖ୍ୟମନ୍ତ୍ରୀ କେଭି ସିଂଦେଓଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ପାଦ ଏଯାଏଁ ଛତିଶଗଡରେ ପଡିଲାନି । ତେଣୁ ଆଲୋଚନା କେମିତି ହେବ, କେବେ ହେବ ଓ ସମାଧାନର ବାଟ କେବେ ବାହାରିବ? ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ । ଆସନ୍ତା ଏପ୍ରିଲ ୧୩ରେ ଟ୍ରିବ୍ୟୁନାଲର ଅବଧି ସରୁଛି । ଏହାକୁ ୯ ମାସ ବୃଦ୍ଧି କରିବାକୁ କେନ୍ଦ୍ର ନିକଟରେ ଦାବି କରିଛି ଓଡ଼ିଶା । ହେଲେ ଟ୍ରିବ୍ୟୁନାଲ ନ୍ୟାୟକୁ ଅପେକ୍ଷା କରି ମହାନଦୀର ଅବସ୍ଥା କଣ ତାହା ରାଜ୍ୟବାସୀ ଭଲଭାବେ ଜାଣନ୍ତି ।

### ମହମ୍ମଦ ୟୁନୁସ୍‌ଙ୍କ...

ୟୁନୁସଙ୍କ ସମର୍ଥିତ ଲୋକ ତାଙ୍କୁ ହଟେଇବାକୁ ଚାହୁଥିଲେ। କିନ୍ତୁ ସେହି ସମୟରେ ତାଙ୍କୁ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି)ର ଓ ତିନି ସେନାର ସମର୍ଥନ ମିଳିଥିଲା। ସେ ବିଏନ୍‌ପି ମୁଖ୍ୟ ତଥା ବର୍ତ୍ତମାନର ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କର ମଧ୍ୟ ପ୍ରଶଂସା କରିଛନ୍ତି। ବିଏନ୍‌ପି ବ୍ୟତୀତ ସେନାର ତିନି ଶାଖା ପକ୍ଷରୁ ତାଙ୍କୁ ନିସନ୍ଦେହ ସମର୍ଥନ ମିଳିଥିଲା। ଶାହାବୁଦ୍ଦିନ କହିଛନ୍ତି ମୁଖ୍ୟ ପରାମର୍ଶଦାତା ସମ୍ବିଧାନର କୌଣସି ବ୍ୟବସ୍ଥାକୁ ମାନୁନଥିଲେ। ବାଂଲା ରାଷ୍ଟ୍ରପତି ଅଭିଯୋଗ କରିଛନ୍ତି ଯେ, ୟୁନୁସ୍ କୌଣସି ସଂସ୍ଥାଗତ ସମନ୍ୱୟ ରକ୍ଷା କରୁନଥିଲେ କିମ୍ବା ବିଦେଶ ଗସ୍ତ, ଚୁକ୍ତିନାମା ଏବଂ ନୀତିଗତ କାର୍ଯ୍ୟ ସମେତ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ ନିଷ୍ପତ୍ତି ବିଷୟରେ ତାଙ୍କୁ ଅବଗତ କରୁନଥିଲେ। ଅପରପକ୍ଷେ ତାଙ୍କୁ ରାଜନୈତିକ ଏବଂ ପ୍ରଶାସନିକ ଭାବରେ ଅଲଗା କରିବା ପାଇଁ ବାରମ୍ବାର ପ୍ରୟାସ କରୁଥିଲେ ବୋଲି ଗୁରୁତର ଅଭିଯୋଗ ଆଣିଛନ୍ତି। ବାଂଲାଦେଶ ରାଷ୍ଟ୍ରପତି କହିଛନ୍ତି ଯେ, ସମ୍ବିଧାନ ନିୟମ ଅନୁଯାୟୀ ମୁଖ୍ୟ ପରାମର୍ଶଦାତା ବିଦେଶ ଗସ୍ତରେ ଗଲେ ସେଠାରୁ ଫେରି ରାଷ୍ଟ୍ରପତିଙ୍କୁ ଭେଟି ତାଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେବା କଥା, ସେଠାରେ କେଉଁ ବିଷୟରେ ଆଲୋଚନା କଲେ ତାହା ଜଣାଇବା କଥା। କିନ୍ତୁ ୟୁନୁସ୍ ୧୪ ରୁ ୧୫ ଥର ବିଦେଶ ଗସ୍ତରେ ଯାଇଥିଲେ ମଧ୍ୟ ତାଙ୍କୁ କୌଣସି ସୂଚନା ପ୍ରଦାନ କରିନଥିଲେ।

### ଓଡ଼ିଶାରେ ଇତିହାସ ପାଲଟିବେ ...

୨୦୨୫ରେ ୨୫ ମାଓ କ୍ୟାଡରଙ୍କୁ ନିପାତ କରାଯାଇଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଆଣ୍ଟି ନକ୍ସଲ ଅପରେସନ୍ ଏଡିଜି କହିଛନ୍ତି, ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଗୃହମନ୍ତ୍ରୀ ଶାହଙ୍କ ଡେଡଲାଇନ୍ ନିଶ୍ଚୟ ପାଳନ କରିବୁ। ସେପଟେ ତେଲେଙ୍ଗାନା ପୋଲିସ ନିକଟରେ ୫୦ ସମର୍ଥକଙ୍କ ସହ ଆତ୍ମସମର୍ପଣ କରିଛି ତେଲେଙ୍ଗାନାର କୁଖ୍ୟାତ ନକ୍ସଲ ନେତା ମଲ୍ଲା ରାଜି ରେଡ୍ଡୀ। ମାଓ ସଂଗଠନର ପଲିଟବ୍ୟୁରୋ ସଦସ୍ୟ ମଲ୍ଲା ରାଜି ରେଡ୍ଡି ଜଣେ ରଣନୀତିଜ୍ଞ, କ୍ୟାଡର ନେତା ଏବଂ ଅନେକ ବଡ଼ ଅପରେସନର ମାଷ୍ଟରମାଇଣ୍ଡ। ଅପରେସନ ବ୍ଲାକ୍ ଫରେଷ୍ଟ-୨ ଜାରି ରହିଥିବାରୁ ଆଉ ସୁରକ୍ଷିତ ନୁହଁ ଭାବି ସେ ଆତ୍ମସମର୍ପଣ କରିଥିବା କୁହାଯାଉଛି। ଦେଶରୁ ମାଓ ନିପାତ ପାଇଁ ଗୃହମନ୍ତ୍ରୀ ଶାହଙ୍କ ଡେଡଲାଇନକୁ ମଝିରେ ରହିଲା ଆଉ ମାତ୍ର ୩୬ ଦିନ। ଏହି ୩୬ ଦିନ ଭିତରେ ଆଉ କି ଚିତ୍ର ସାମ୍ନାକୁ ଆସୁଛି, ତାକୁ ଅପେକ୍ଷା।

### ଆଇଡିଏଫସି ଫାଷ୍ଟ...

ଏହି ଠକେଇର ସଠିକ୍ ତଦନ୍ତ ପାଇଁ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ବ୍ୟାଙ୍କ ସ୍ପଷ୍ଟ କରିଛି। ଅନିୟମିତତା ଜଣାପଡ଼ିବା ପରେ, ବ୍ୟାଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ଏବଂ ତଦନ୍ତ ପର୍ଯ୍ୟନ୍ତ ଚାରି ଜଣ ସନ୍ଦିଗ୍ଧ ଅଧିକାରୀଙ୍କୁ ନିଲମ୍ବିତ କରିଥିଲା। ବ୍ୟାଙ୍କ କହିଛି ଯେ ଏହା ତ୍ରୁଟିପୂର୍ଣ୍ଣ କର୍ମଚାରୀ ଏବଂ ବାହାର ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏହା ସହିତ ସମଗ୍ର ମାମଲାର ନିରପେକ୍ଷ ତଦନ୍ତ ସୁନିଶ୍ଚିତ କରିବା ପାଇଁ ଏକ ସ୍ୱାଧୀନ ବାହ୍ୟ ଏଜେନ୍ସି ଦ୍ୱାରା ଫରେନସିକ୍ ଅଡିଟ୍ ଆରମ୍ଭ କରିଛି। ଏହି ଗମ୍ଭୀର ମାମଲାକୁ ଦୃଷ୍ଟିରେ ରଖି ଫେବ୍ରୁଆରୀ ୨୦ ତାରିଖରେ ବ୍ୟାଙ୍କର ଠକେଇ ନିରୀକ୍ଷଣ ପାଇଁ ସ୍ୱତନ୍ତ୍ର କମିଟିର ଏକ ବୈଠକ ଡକାଯାଇଥିଲା। ପରବର୍ତ୍ତୀ ସମୟରେ ୨୧ ତାରିଖରେ ବ୍ୟାଙ୍କର ଅଡିଟ୍ କମିଟି ଏବଂ ନିର୍ଦ୍ଦେଶକ ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ଠକେଇ ବିଷୟରେ ସୂଚନା ଆଦାନପ୍ରଦାନ କରାଯାଇଥିଲା। ବ୍ୟାଙ୍କ ମଧ୍ୟ ସେହି ବ୍ୟାଙ୍କଗୁଡ଼ିକୁ ପ୍ରତ୍ୟାହାର ଅନୁରୋଧ ପଠାଇଛି ଯେଉଁମାନଙ୍କର ଆକାଉଣ୍ଟରେ ସନ୍ଦେହଜନକ ପାଣ୍ଠି ଆସିଛି। ବ୍ୟାଙ୍କ ଅନ୍ୟ ବ୍ୟାଙ୍କଗୁଡ଼ିକୁ ଏହି ସନ୍ଦେହଜନକ ଆକାଉଣ୍ଟଗୁଡ଼ିକରେ ଥିବା ବାଲାନ୍ସ ରଖିବାକୁ ଅନୁରୋଧ କରିଛି ଯାହାଦ୍ୱାରା ଟଙ୍କା ଫେରି ପାଇପାରିବ। ବ୍ୟାଙ୍କ କହିଛି ଯେ ତଦନ୍ତ ଏବଂ ପୁନରୁଦ୍ଧାର ପ୍ରକ୍ରିୟା ସମାପ୍ତ ହେବା ପରେ ହିଁ ପ୍ରକୃତ କ୍ଷତି ମୂଲ୍ୟାଙ୍କନ ସମ୍ଭବ ହେବ। ଏହି ଠକେଇର ସଠିକ୍ ତଦନ୍ତ ପାଇଁ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ବ୍ୟାଙ୍କ ସ୍ପଷ୍ଟ କରିଛି। ଅନିୟମିତତା ଜଣାପଡ଼ିବା ପରେ, ବ୍ୟାଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ଏବଂ ତଦନ୍ତ ପର୍ଯ୍ୟନ୍ତ ଚାରି ଜଣ ସନ୍ଦିଗ୍ଧ ଅଧିକାରୀଙ୍କୁ ନିଲମ୍ବିତ କରିଥିଲା। ବ୍ୟାଙ୍କ କହିଛି ଯେ ଏହା ତ୍ରୁଟିପୂର୍ଣ୍ଣ କର୍ମଚାରୀ ଏବଂ ବାହାର ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏହା ସହିତ ସମଗ୍ର ମାମଲାର ନିରପେକ୍ଷ ତଦନ୍ତ ସୁନିଶ୍ଚିତ କରିବା ପାଇଁ ଏକ ସ୍ୱାଧୀନ ବାହ୍ୟ ଏଜେନ୍ସି ଦ୍ୱାରା ଫରେନସିକ୍ ଅଡିଟ୍ ଆରମ୍ଭ କରିଛି। ଏହି ଗମ୍ଭୀର ମାମଲାକୁ ଦୃଷ୍ଟିରେ ରଖି ଫେବ୍ରୁଆରୀ ୨୦ ତାରିଖରେ ବ୍ୟାଙ୍କର ଠକେଇ ନିରୀକ୍ଷଣ ପାଇଁ ସ୍ୱତନ୍ତ୍ର କମିଟିର ଏକ ବୈଠକ ଡକାଯାଇଥିଲା। ପରବର୍ତ୍ତୀ ସମୟରେ ୨୧ ତାରିଖରେ ବ୍ୟାଙ୍କର ଅଡିଟ୍ କମିଟି ଏବଂ ନିର୍ଦ୍ଦେଶକ ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ଠକେଇ ବିଷୟରେ ସୂଚନା ଆଦାନପ୍ରଦାନ କରାଯାଇଥିଲା।

## ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଚତୁର୍ଭୁଜ ଚକ୍ରବର୍ତ୍ତୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ପ୍ରତିମୂର୍ତ୍ତି ଉନ୍ମୋଚିତ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ

ଜଳେଶ୍ୱର, ୨୩/୨ (ନି.ପ୍ର): ଜଳେଶ୍ୱର ବ୍ଲକର ଜଣେ ବିଶିଷ୍ଟ ଜନନେତା ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ୱର୍ଗତ ଚତୁର୍ଭୁଜ ଚକ୍ରବର୍ତ୍ତୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଖୁଆଡ ଗ୍ରାମସ୍ଥିତ ତାଙ୍କ ନିଜ ବାସଭବନ ପରିସରରେ ଏକ ଭବ୍ୟ ଶ୍ରଦ୍ଧାଞ୍ଜଳି ସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀପ କୁମାର ଗିରି ସଭାପତିତ୍ୱ କରିଥିବା ବେଳେ ସ୍ୱର୍ଗତ ଚକ୍ରବର୍ତ୍ତୀଙ୍କ ଜ୍ୱାଇଁ ବିବେକ ରଂଜନ ପଣ୍ଡା ଓ ଜ୍ୟେଷ୍ଠ ପୁତ୍ର ଡାକ୍ତର ଚନ୍ଦ୍ର ଶେଖର ଚକ୍ରବର୍ତ୍ତୀ ମଞ୍ଚ ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଡଃ ଅଜିତ କୁମାର ମହାନ୍ତି ଯୋଗଦେଇ ସ୍ୱର୍ଗତ ଚକ୍ରବର୍ତ୍ତୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ତାଙ୍କ ସ୍ମୃତି ଚାରଣ କରିଥିଲେ ।ଏକ ଆଦର୍ଶ ଜୀବନର ସ୍ମୃତିଚାରଣ ବକ୍ତାମାନେ ସ୍ୱର୍ଗତ ଚକ୍ରବର୍ତ୍ତୀଙ୍କ ଜୀବନୀ ଉପରେ ଆଲୋକପାତ କରି କହିଥିଲେ ଯେ: ସେ ୧୯୭୧ ରୁ ୧୯୮୨ ମସିହା ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ଜଳେଶ୍ୱର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ ।ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ସେ ଅଲାଲପୁର ଏମ.ଇ ବିଦ୍ୟାଳୟ, ଜମାଲପୁର ହାଇସ୍କୁଲ ଓ ହଳଦୀପଦା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ଆଦର୍ଶ ଶିକ୍ଷକ ଭାବେ ବେଶ୍ ପରିଚିତ ଥିଲେ । ତାଙ୍କର ଅବଦାନକୁ ସ୍ମରଣୀୟ କରିବା ପାଇଁ ଗ୍ରାମର ଏକ ପ୍ରମୁଖ ରାସ୍ତାକୁ ତାଙ୍କ ନାମରେ ନାମିତ କରିବାକୁ ସଭାରେ ପ୍ରସ୍ତାବ ଆଗତ କରାଯାଇଥିଲା ।ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ବି.ଇ.ଓ, ଲଲାଟେନ୍ଦୁ କେଶରୀ ଜେନା ମୁଖ୍ୟ ବକ୍ତା, ପ୍ରଦୀପ କୁମାର ମିଶ୍ର, ଅଶୁମୋଚନ ଘୋଷ,ଅଶ୍ୱିନୀ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଞ୍ଜନ କୁମାର ଘୋଷ, ଗତିକୃଷ୍ଣ ଦଳେଇ,ଦୁର୍ଗା ଶଙ୍କର ଆଶ, ସର୍ବେଶ୍ୱର ଦାସ, ବୁବୁ ଚକ୍ରବର୍ତ୍ତୀ, ଡଃ ସଞ୍ଜିତ କୁମାର ସାହୁ, ଡଃ ଅରୋବିନ୍ଦ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍ୱର୍ଗତ ଚକ୍ରବର୍ତ୍ତୀଙ୍କ ଜ୍ୟେଷ୍ଠ ପୁତ୍ର ଚନ୍ଦ୍ର ଶେଖର ଚକ୍ରବର୍ତ୍ତୀ ସମସ୍ତ ଅତିଥି ଓ ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବସ୍ତା ବ୍ଲକରେ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଜନ ଶୁଣାଣି ଶିବିର:୯୪ ଅଭିଯୋଗ ଆସିଥିବା ବେଳେ ୯ଟିର ସମାଧାନ

ବସ୍ତା,୨୩।୨(ନିପ୍ର):ବସ୍ତା ବ୍ଲକର ସଭା ଗୃହରେ ଆଜି ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଏସପି ପ୍ରତ୍ୟୁଷ ଦିବାକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲ୍ଲାପାଳ ଶିବ ମାଲବ୍ୟ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ ରାଉତ, ବିଡ଼ିଓ ମିହିର ରଞ୍ଜନ ବେହେରା, ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ,ଏସଡିପିଓ ମାନସ କୁମାର ଦେଓ ପ୍ରମୁଖ ଉପସ୍ଥିତ ହୋଇ ଜନ ଶୁଣାଣି ଶିବିରରେ ଜିଲାପାଳ ଓ ଏସପି ଙ୍କୁ ସହଯୋଗ କରିଥିଲେ।ଏଠାରେ ମୋଟ ୯୪ ଟି ଅଭିଯୋଗ ଆସିଥିଲା ବେଳେ ୯ ଟିର ସମାଧାନ ହୋଇଥିଲା। ବିଶେଷ କରି ବସ୍ତାରେ ଲେବେଲ କ୍ରସିଂ ରେ ଦୀର୍ଘ ସମୟ ଫାଟକ ପଡି ରହିବା ଓ ସେଠାରେ ଉଡ଼ନ୍ତା ପୋଲ ନିର୍ମାଣ ନହେବା ଆଦି ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଆବାସ ଯୋଜନା, ଭତ୍ତା, ରାସ୍ତା, ପାନୀୟ ଜଳ ପ୍ରଭୃତି ଅଭିଯୋଗ ଆସିଥିଲା।ବିଭିନ୍ନ ବିଭାଗର ଜିଲା ଅଧିକାରୀ ମାନେ ଉପସ୍ଥିତ ଥିଲେ ଓ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



# ଔପନ୍ୟାସିକ ଭାଗବତ ବେହେରାଙ୍କ ଦୁଇଖଣ୍ଡ ଉପନ୍ୟାସ ଲୋକାର୍ପିତ



ବାଲେଶ୍ୱର, ୨୩/୨ (ନି.ପ୍ର): ବାଲେଶ୍ୱର ସହରର ହୋଟେଲ ଫାଣ୍ଟାସୀ ସମ୍ମିଳନୀ କକ୍ଷରେ ଓଡିଶାର ବହୁ ପୌରାଣିକଧର୍ମୀ ଉପନ୍ୟାସର ଯଶସ୍ୱୀ ସ୍ରଷ୍ଟା ପ୍ରଫେସର ଭାଗବତ ବେହେରାଙ୍କର ଦୁଇଖଣ୍ଡ ଉପନ୍ୟାସ ଯଥାକ୍ରମେ ' କଳାପାହାଡ଼ ' ଓ ' ପତିତପାବନ ' ଲୋକାର୍ପିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିଶିଷ୍ଟ ସ୍ୱାସ୍ଥ୍ୟସେବୀ ତଥା ବର୍ଷୀୟାନ ଲେଖକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ପୌରୋହିତ୍ୟ କରିଥିବାବେଳେ ଅତିଥି ଭାବରେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ପ୍ରଫେସର ସୁବାସ ଚନ୍ଦ୍ର ପାତ୍ର ଓ ଫକୀରମୋହନ ସାହିତ୍ୟର ବିଶିଷ୍ଟ ଗବେଷକ ପ୍ରଫେସର ଅରବିନ୍ଦ ଗିରି ଯୋଗଦେଇଥିଲେ । କଳାପାହାଡ଼ ଉପନ୍ୟାସକୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ବିଷୟବସ୍ତୁର ତାତ୍ତ୍ୱିକ ସମୀକ୍ଷା କରିଥିବାବେଳେ ପତିତପାବନ ଉପନ୍ୟାସକୁ ବୌଦ୍ଧିକ ଓ ବିଶ୍ଲେଷଣଧର୍ମୀ ସମୀକ୍ଷା କରିଥିଲେ ଅଧ୍ୟାପକ ଡକ୍ଟର ପ୍ରଦୀପ୍ତ କୁମାର ମିଶ୍ର । ସେହିପରି ଗ୍ରନ୍ଥ ଦୁଇଟିର ପ୍ରକାଶକ ସନ୍ତୋଷ କୁମାର ବାରିକ ଓ ସଂଯୋଜକ ରାଜକିଶୋର ପଣ୍ଡିତ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ କଣ୍ଠଶିଳ୍ପୀ କଲ୍ୟାଣୀ ନନ୍ଦଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଉକ୍ତ ଆସରରେ ଔପନ୍ୟାସିକ ଭାଗବତ ବେହେରାଙ୍କ ପରିବାର ଉପସ୍ଥିତ ଥିବାବେଳେ ବାଲେଶ୍ୱରର ବହୁ ଜ୍ଞାନୀଗୁଣୀ ଓ ସାହିତ୍ୟ ରସପିପାସୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

# ଗାଲୁଆ ଗ୍ରାମ ପଂଚାୟତରେ ପଲ୍ଲୀରେ ପ୍ରଶାସନ ଜନଶୁଣାଣି




ଖୋର୍ଦ୍ଧା , ୨୩/୨ (ନି.ପ୍ର): ଆଜି ଜିଲ୍ଲାପ୍ରଶାସନ ଏବଂ ପୋଲିସ ପ୍ରଶାସନ ମିଳିତ ଆନୁକୁଲ୍ୟରେ ବାଣପୁର ବ୍ଲକ୍ ଅନ୍ତର୍ଗତ ଗାଲୁଆ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନରେ ପଲ୍ଲୀରେ ଜିଲ୍ଲା ପ୍ରଶାସନ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଜନ ଶୁଣାଣି ଶିବିର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତିଶଙ୍କର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ପରିଷଦ ଉପ ସଭାପତି ଶ୍ରୀ ଗୋପୀନାଥ ମହାରଣା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନାଦି ଚରଣ ସେଠୀ, ଉପଜିଲ୍ଲାପାଳ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ବାଣପୁର ପଂଚାୟତ ସମିତି ଅଧକ୍ଷ ଶ୍ରୀ ଅମରେନ୍ଦ୍ର ରଣସିଂହ,ବ୍ଲକ୍ ଉନ୍ନୟନ ଅଧିକାରୀ, ବାଣପୁର , ତହସିଲଦାର, ବାଣପୁର, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୫୨ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୩୯ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୧୩ ଗୋଟି ଅଭିଯୋଗ ଆସିଥିଲା । ଶିବିରରେ ତତ୍କାଳ ୦୪ ଗୋଟି ଅଭିଯୋଗ ର ସମାଧାନ କରାଜାଇଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି,ଏବଂ ବିଭିନ୍ନ ଅତ୍ୟାବଶ୍ୟକ ସେବା ଅଧିକାରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗଦେଇଥିଲେ ।

# ଗଡଦେଉଳିଆ ନିକଟରେ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଲେ ଦୁର୍ବୃତ୍ତ

ବୈଶିଙ୍ଗା, ୨୩/୨ (ନି.ପ୍ର): ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ ଜାତୀୟ ରାଜପଥର ଗଡଦେଉଳିଆ ନିକଟରେ ସୋମବାର ଦିନ ୧୦ ଟା ସମୟରେ ମହିଳାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ଫେରାର ହେଲେ ଦୁର୍ବୃତ୍ତ। ମିଳିଥିବା ସୂଚନା ଅନୁସାରେ ଏହି ଜିଲ୍ଲାର ଖୁଣ୍ଟା ଥାନା ଅର୍ନ୍ତଗତ ପୁରୁଣାପାଣି ଗ୍ରାମ ର ସୁମନ୍ତ କୁମାର ଚୌଧୁରୀ ସ୍ତ୍ରୀ ଙ୍କ ସହ ତାଙ୍କ ପୁତୁରା ବିଭାଘର କାର୍ଯ୍ୟ ରେ ଯୋଗଦେବା ପାଇଁ ରବିବାର ବାଲେଶ୍ୱର ଯାଇଥିଲେ। ଆଜି ସକାଳେ ନିଜ ଗ୍ରାମ କୁ ଫେରୁଥିବା ବେଳେ ଗଡଦେଉଳିଆ ନିକଟରେ ହଠାତ ଦୁଇଜଣ ଯୁବକ ଏକ ବାଇକ୍ ରେ ଆସି ତାଙ୍କ ସ୍ତ୍ରୀ ଙ୍କ ବେକରୁ ୩୦ ଗ୍ରାମ ଓଜନର ହାର ଝାମ୍ପି ନେଇ ଦୃତ ଗତିରେ ବାଲେଶ୍ୱର ରାସ୍ତାରେ ପଳାଇଥିଲେ ବୋଲି ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲେ ହେଁ ରାତି ଆଠଟା ପର୍ଯ୍ୟନ୍ତ ଅଭିଯୁକ୍ତ ମାନଙ୍କ ବାବଦରେ କୈାଣସି ସୂଚନା ପୋଲିସକୁ ମିଳିପାରି ନାହିଁ। ଏହି ଥାନା ଅଞ୍ଚଳରେ ଏଭଳି ଘଟଣା ବାରମ୍ବାର ଘଟୁଥିବା ସତ୍ତ୍ୱେ ପୋଲିସର ପାରିବା ପଣିଆକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

# ଜୟ ଶ୍ରୀରାମ ସଂଘ ପକ୍ଷରୁ ଶ୍ରୀରାମନବମୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ବୈଶିଙ୍ଗା , ୨୩/୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଜୟ ଶ୍ରୀରାମ ସଂଘ ପକ୍ଷରୁ ଚଳିତ ବର୍ଷ ମାର୍ଚ୍ଚ ମାସ ୨୬ ତାରିଖରେ ପବିତ୍ର ଶ୍ରୀରାମନବମୀ ପାଳନ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ଶ୍ରୀରାମ ଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ଏବର୍ଷ ଧୁମ ଧାମରେ ପ୍ରଭୁ ଶ୍ରୀରାମନବମୀ ପାଳନ ନିମନ୍ତେ ନିଷ୍ପତି ନିଆଯାଇଥିଲା। ବୈଠକରେ ପ୍ରଥମେ ଗତବର୍ଷର ଆୟ ବ୍ୟୟ ଅଟକଳ ସୂଚନା ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ ଗତ ବର୍ଷ ରାମନବମୀ ଦିନ ୨ହଜାରରୁ ଉର୍ଦ୍ଧ ଭକ୍ତଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିବା ବେଳେ ଚଳିତ ବର୍ଷ ମଧ କିପରି ଭାବେ ଅଧିକ ରୁ ଅଧିକ ଭକ୍ତ ପ୍ରସାଦ ସେବନ କରି ପାରିବେ ସେ ଦିଗରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଜୟ ଶ୍ରୀରାମ ସଂଘ ପକ୍ଷରୁ ପ୍ରଭୁ ଶ୍ରୀରାମଙ୍କୁ ବଜାର ପରିକ୍ରମା କରାଯିବାର ନେଇ ନିଷ୍ପତି ନିଆଯାଇଥିଲା। ବୈଠକରେ ସଂଘର ସଭାପତି ପ୍ରମୋଦ ପ୍ରଧାନ, ସମ୍ପାଦକ ଗୋପାଳ ଚନ୍ଦ୍ର ବେହେରା, ଉପସଭାପତି ଛତିଶ କୁମାର ପଣ୍ଡିତ, ସହସମ୍ପାଦକ ବସନ୍ତ ମହାନ୍ତ, ସଭିତ ମିଶ୍ର, ନିର୍ମଳ ଲେଙ୍କା, ପିଣ୍ଟୁ ପରିଡା, ବେଣୁଧର ଦାସ, ସୁରେଶ ପଣ୍ଡିତ, ଉଦିତ କୁମାର ପରିଡା, ଚିରଞ୍ଜିବି ମହାନ୍ତ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ବୈଠକରେ ସହଯୋଗ କରିଥିଲେ।

# କଇଥଗଡିଆ-ଡୁଙ୍ଗୁରା ନିର୍ମାଣାଧୀନ ରାସ୍ତା ନିର୍ମାଣରେ ଅନିୟମିତତା: ତଦନ୍ତ କଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ



ଖଇରା, ୨୩/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରମୁଖ ସଡକ କଇଥଗଡିଆ-ଡୁଙ୍ଗୁରା ରାସ୍ତା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ ହେବା ସହ ଏବେ କିଛି ମାସ ତଳେ କଂକ୍ରିଟ ଅଂଶ ର ନିର୍ମାଣ ଆରମ୍ଭ ହୋଇଛି । ହେଲେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ବହୁ ସଂଖ୍ୟାର ଅଭିଯୋଗ ପରେ ସୋମବାର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅମିର କୁମାର ସେଠୀଙ୍କ ନେତୃତ୍ୱର ଏକ ଟିମ ରାସ୍ତା କାର୍ଯ୍ୟର ଯାଞ୍ଚ କରିଛନ୍ତି । ରାସ୍ତାର ବିଭିନ୍ନ ସ୍ଥାନକୁ ଖୋଳି ଦେଖିବା ପରେ ଉକ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ଅବଗତ ହେବା ପରେ ଏହି ରାସ୍ତାର ପୁନର୍ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଶ୍ରୀ ସେଠୀଙ୍କ ପ୍ରତିକ୍ରିୟା ନିଆଯିବାରେ ରାସ୍ତା ପାଇଁ ନିମ୍ନମାନର ମେଟାଲ ବ୍ୟବହୃତ ହେବା,କଂକ୍ରିଟରେ ପାଣି ଦିଆଯାଇନଥିବା ବିଷୟ ସ୍ୱିକାର କରିଛନ୍ତି । ଆଉ ଥରେ କାର୍ଯ୍ୟର ସଂଶୋଧନ କରାଯିବ ବୋଲି ପ୍ରକାଶ କରିଛନ୍ତି । ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ ଓ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତ ପ୍ରମୁଖ ସାମିଲ ଥିଲେ । ୨କୋଟି ୮୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମୀତ ହେବାକୁ ଥିବା ୫.୧୫୬କିମି ରାସ୍ତା ୨୦୨୫ ନଭେମ୍ବରରେ ଆରମ୍ଭ ହୋଇ ୨୦୨୬ ମସିହା ଏପ୍ରିଲ ୧୧ତାରିଖରେ ସରିବା କଥା । ହେଲେ ୪ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ୨୦ପ୍ରତିଶତ କାର୍ଯ୍ୟ ସରିନାହିଁ । ହେଲେ କାର୍ଯ୍ୟ ଆରମ୍ଭ ଦିନରୁ ଏଥିରେ ଦୁର୍ନିତି ହେଉଥିବା ନେଇ ବିଭାଗୀୟ ଅଧିକାରୀ ଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲା ।ରାସ୍ତାର ଭିଜିଲାନ୍ସ ତଦନ୍ତ ଦାବୀ ହୋଇଛି ।

# ହୀରାପୁର ସରକାରୀ ହାଇସ୍କୁଲର ବାର୍ଷିକୋତ୍ସବ




ବସ୍ତା , ୨୩/୨ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ହୀରାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବଳ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ବାରିଦ୍ ବରନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ବାଡୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରୀ ଯାଗ୍ୟଶ୍ରୀ ରାଉତ, ରୀନା ସାହୁ, ଯାଗ୍ୟବାହିନୀ ସାହୁ ଓ ବର୍ଷା ପ୍ରିୟଦର୍ଶନୀ ବାରିକ ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ମୁଖ୍ୟ ଅତିଥି ଭାବେ ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉତ୍ସବକୁ ଉଦଘାଟନ କରିବା ସହ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କୁ ସଚେତନ କରାଇଥିଲେ । ଉତ୍ତମ ଛାତ୍ରଛାତ୍ରୀ ଗଢ଼ିବାକୁ ହେଲେ ପ୍ରଥମେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସମୟ ଦେବାକୁ ପଡ଼ିବ ଓ ସେମାନଙ୍କୁ ଶୃଙ୍ଖଳିତ ଗଢି ତୋଳିବାକୁ ପଡ଼ିବ ବୋଲି ପରାମର୍ଶ ପ୍ରଦାନ କରିଥିଲେ । ଶୃଙ୍ଖଳିତ ଛାତ୍ର ଛାତ୍ରୀ ଦେଶ ବିକାଶର ପ୍ରମୁଖ ସାରଥୀ ବୋଲି ସେ ତାଙ୍କ ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ । ମଧୁସ୍ମିତା ନାୟକ, ଜଗଦୀଶ ବ୍ରହ୍ମଚାରୀ ଓ କାହ୍ନୁ ଚରଣ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅପାଲି ଅପରାଜିତା ଡ଼ଗର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗିରିଜା ଶଙ୍କର ସାହୁ, ସୋମନାଥ ପାତ୍ର, ଶ୍ୱେତପଦ୍ମା ଶୁକ୍ଳ, ମୁସାରତ ଜାହାଁ ଓ ଯାଜ୍ଞସେନି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ସଭାପତି ଜିତେନ୍ଦ୍ର କୁମାର ପଣ୍ଡା, ପୁରାତନ ଛାତ୍ର ସଂସଦର ସଭାପତି ଗୋପାଳ ଚନ୍ଦ୍ର ସାହୁ ଓ ବ୍ୟଙ୍ଗ କବି ବିଜୟ ଶ୍ରୀ ଗୋକୁଳାନନ୍ଦ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ । ବର୍ତ୍ତମାନର ଛାତ୍ରଛାତ୍ରୀ ଭବିଷ୍ୟତର ନାଗରିକ; ତେଣୁ ସେମାନଙ୍କୁ ସଠିକ୍ ମାର୍ଗଦର୍ଶନ କରିବା ଉଭୟ ପିତାମାତା, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଉତ୍ତର ଦାୟିତ୍ୱ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ସତର ବର୍ଷରୁ କମ ମହିଳା କ୍ରିକେଟ ଦଳରେ ଚୟନ ହୋଇ କ୍ରମାଗତ ଦୁଇ ବର୍ଷଧରି ଓଡ଼ିଶାରୁ ପ୍ରତିନିଧିତ୍ୱ କରିଆସୁଥିବା ତଥା ବିଭିନ୍ନ ରାଜ୍ୟରେ କ୍ରିକେଟ ଖେଳୁଥିବା ଛାତ୍ରୀ ରୋମି ପ୍ରଲିପ୍ତା ମଲ୍ଲିକଙ୍କୁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉତ୍ତରୀୟ ଓ ପୁଷ୍ପ ତାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । କ୍ରୀଡା ଶିକ୍ଷକ ଶୁଭମ୍ ଜେନା, ସସ୍ମିତା ମହାନ୍ତି, ଶାନ୍ତି ମାଝୀ ଓ ସଞ୍ଜୟ କୁମାର ପୋଥାଳ ପ୍ରମୁଖ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ବିଜେଡିର ବିଶାଳ ବିକ୍ଷୋଭ ଆଜି

ଭୁବନେଶ୍ୱର, ୨୩/୨ (ନି.ପ୍ର): ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡିଛି ଯେଉଁଥିପାଇଁ ରାଜ୍ୟର ଚାଷୀକୁଳ ହତାଶ ହୋଇପଡିଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିବା ସହିତ ଆସନ୍ତାକାଲି ବିଜୁ ଜନତା ଦଳ ତରଫରୁ ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମ୍ଜି ଠାରେ ଏକ ବିଶାଳ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଦଳ ତରଫରୁ ଆଜି ସୂଚନା ଦିଆଯାଇଛି । ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାନସଭାରେ ବିରୋଧୀ ଦଳର ଉପନେତା ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ଦଳର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର, ଦଳର ଉପସଭାପତି ଶ୍ରୀ ସଞ୍ଜୟ କୁମାର ଦାସବର୍ମା, ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସହିତ ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥା ଓ ମହିଳା ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଅଭିଯୋଗ କରିଥିଲେ । ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଚଳିତ ବର୍ଷ ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟକ୍ରମ ପ୍ରଥମ ଦିନରୁ ଅବ୍ୟବସ୍ଥା ଲାଗି ରହିଛି । ଧାନ ସଂଗ୍ରହ ପାଇଁ ପଞ୍ଜିକରଣ, ଟୋକନ ବିତରଣ, ମଣ୍ଡିରେ ଧାନ ସଂଗ୍ରହ ବ୍ୟବସ୍ଥା, କଟନୀ ଛଟନୀ ଇତ୍ୟାଦି ରାଜ୍ୟର ଚାଷୀ ମାନଙ୍କୁ ନାହିଁ ନଥିବା ଅସୁବିଧାରେ ପକାଇଛି । ରାଜ୍ୟର ପ୍ରତିଟି ବ୍ଲକରେ ଓ ଜିଲ୍ଲାରେ ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଉଥିବା ଖବର ଗଣମାଧ୍ୟମରେ ଶିରୋନାମା ପାଲଟୁଛି । କିନ୍ତୁ ରାଜ୍ୟ ସରକାର ଚାଷୀ ମାନଙ୍କ ସମସ୍ୟାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନାହାନ୍ତି । ଧାନ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ବୋଲି କହି ସରକାର ନିଜ ପିଠି ନିଜେ ଥାପୁଡ଼େଉଛନ୍ତି । କିନ୍ତୁ ସରକାରୀ ତଥ୍ୟ ରାଜ୍ୟ ସରକାରଙ୍କ ଦାବିକୁ ଡାହା ମିଛ ବୋଲି ପ୍ରମାଣିତ କରୁଛି । ଏହି ନୀତି ବିରୋଧରେ ବିଜୁ ଜନତା ଦଳ ତରଫରୁ ଆସନ୍ତାକାଲି ଏକ ବିଶାଳ ବିକ୍ଷୋଭ ଆୟୋଜନ କରାଯିବ । ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ, ବିଜେଡି ସଭାପତିଙ୍କ ନିର୍ଦ୍ଦେଶକ୍ରମେ, ଫେବୃଆରୀ ୨ ତାରିଖରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଷୀମାନଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଆସୁଛି । ଆସନ୍ତାକାଲି ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜି ଠାରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବ । ରାଜ୍ୟରେ ଧାନ ସଂଗ୍ରହରେ ଅବ୍ୟବସ୍ଥା ବ୍ୟତୀତ ରାଜ୍ୟର ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ଏହିସବୁ ପ୍ରସଙ୍ଗକୁ ନେଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ।

# କୁମ୍ଭକ୍ଷେତ୍ରଠାରେ 'ସିଦ୍ଧାନ୍ତ ଓ ପ୍ରାୟୋଗିକ ମହାସଂଗମ' ଗ୍ରାମୀଣ ଶିବିର ଆୟୋଜିତ: ଯୋଗଦେଲେ ସାଂସଦ




ନୀଳଗିରି, ୨୩/୨ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାମାଜିକ କାର୍ଯ୍ୟ ବିଭାଗ ଆନୁକୂଲ୍ୟରେ ନୀଳଗିରି ସିଆଡିମାଳ ପଞ୍ଚାୟତ ଅଧୀନ କୁମ୍ଭକ୍ଷେତ୍ର ପରିସରରେ ସୋମବାର 'ସିଦ୍ଧାନ୍ତ ଓ ପ୍ରାୟୋଗିକ ମହାସଂଗମ' ନାମକ ଗ୍ରାମୀଣ ଶିବିର ଚାଲିଛି ।କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ନିର୍ଦ୍ଦେଶନାରେ ଗ୍ରାମୀଣ ଶିବିର ୨୦୨୫-୨୬ ସ୍ଥାନୀୟ କୁମ୍ଭକ୍ଷେତ୍ର ଠାରେ ୧୦ ଦିନ ଧରି ଆୟୋଜିତ ହେଉଥିବା ଥିବା ବେଳେ ପଞ୍ଚମ ଦିବସରେ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଥିଲେ। ଏହି ଅବସରରେ ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କୁ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରଯାଇଥିଲା ପରେ ସାଂସଦ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ସାମାଜିକ କାର୍ଯ୍ୟ ଉପରେ ଶିକ୍ଷଣୀୟ ବାର୍ତ୍ତା ଦେବା ସହିତ କୁମ୍ଭକ୍ଷେତ୍ର ପ୍ରତିଷ୍ଠାତା ଶିଳ୍ପୀ କେଶୁ ଦାସଙ୍କୁ ପ୍ରଶଂସା କରିବା ସହିତ ୨୮ ପ୍ରକାରର ପାରମ୍ପରିକ ଓଡିଆ ଖାଦ୍ୟ ଖାଇଥିଲେ। ଏହି ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ, ଅତିଥି କୁମ୍ଭକ୍ଷେତ୍ର ପ୍ରତିଷ୍ଠାତା କେଶୁ ଦାସ, ସମ୍ମାନୀତ ଅତିଥି ସିଆଡିମାଳ ପୂର୍ବତନ ସରପଞ୍ଚ ପତିତପାବନ ସିଂ, ଆସିଷ୍ଟାଣ୍ଟ ପ୍ରଫେସର ସୁପ୍ରିୟା ରାଉତ ଓ ବିଶ୍ୱ ବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ମୁତାବକ, କୁମ୍ଭକ୍ଷେତ୍ର ସମେତ ୪ଟି ଗ୍ରାମର ଗ୍ରାମବାସୀଙ୍କ ଜୀବନଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା, ଲୋକକଳା, ସାହିତ୍ୟ ଓ ସ୍ଥାପତ୍ୟ ଆଦି ବିଭିନ୍ନ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରାଯାଇ ସେଗୁଡ଼ିକର ବିବରଣୀ ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ଛାତ୍ରୀଛାତ୍ର ଗୋଟିଏ ଦିନ ସମ୍ପୂର୍ଣ୍ଣ ଭାବେ ଗ୍ରାମବାସୀଙ୍କ ସହ ଅତିବାହିତ କରି ସେମାନଙ୍କ ରୀତିନୀତି, ପରମ୍ପରା ଓ ଖାଦ୍ୟପାନୀୟ ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭବ ଅର୍ଜନ କରିବେ। ଏଥିସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ, ଏସ.ଏଚ.ଜି ସଦସ୍ୟାଙ୍କ ସହ ଆଲୋଚନା ଓ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ ଆଦି କାର୍ଯ୍ୟକ୍ରମ ସଂଯୋଜିତ ହୋଇଛି।

# ୨୭ତମ ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷା: ଭାଗନେଲେ ୧୧୬ଜଣ ପରୀକ୍ଷାର୍ଥୀ

ଖଇରା, ୨୩/୨ (ନି.ପ୍ର): ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର ଆନୁକୂଲ୍ୟରେ ଖଇରା ବଜାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରୀକ୍ଷା କେନ୍ଦ୍ରରେ ୨୭ତମ ରାଜ୍ୟ ମେଧାବୃତ୍ତି ପରୀକ୍ଷା ୨୨ତାରିଖ ଦିନ ଅନୁଷ୍ଠିତ ହୋଇ ଯାଇଛି ।ଦ୍ୱିତୀୟରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କର ଲୁକ୍କାଇତ ପ୍ରତିଭାର ବିକାଶ ନିମନ୍ତେ ଆୟୋଜିତ ଏହି ପରୀକ୍ଷାରେ ୧୧୬ଜଣ ପରିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ । କେନ୍ଦ୍ର ଅଧୀକ୍ଷକ ଶଶୀକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଥିଲା । କୃତି ପ୍ରତିଯୋଗୀ ମାନଙ୍କୁ ଆସନ୍ତା ନଭେମ୍ବର ମାସରେ ଭୁବନେଶ୍ୱର ଜୟଦେବ ଭବନ ପରିସରରେ ସମ୍ବର୍ଦ୍ଧିତ କରାଯିବ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida